ଦୀପଶିଖା

Digitized by PPRACHIN, SOA

ବୀଣା

ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ, ଏମ୍. ଏ.
ଭାରତ ସେବକ ସମିତି, କଟକ

Digitized by PPRACHIN, SOA

ପ୍ରକାଶକ

ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ

ଓଡ଼ିଆ ଲେଖକ ସହଯୋଗ ସମିତି ଲିଃ

ଅନୁକୂଲ୍ୟରେ

ଛାପା—ପ୍ରଗତି ପ୍ରେସ୍, କଟକ ୧୯୪[illegible]

ମୂଲ୍ୟ ଟ ୦ ୬

Digitized by PPRACHIN, SOA

ଉପହାର

Digitized by PPRACHIN, SOA

ଅଚ୍ଛା ବାଣୀ ! କହିଲ, ତୁମର ଜୀବନଟା ସୁଖରେ ଗଲା ନା ଦୁଃଖରେ ଗଲା ?

ଅନେକ ଦିନ ତ ହୋଇଗଲା—ତୁମେ ବଞ୍ଚିଲ ୫୬ବର୍ଷ, ଆଉ ମୁଁ ବଞ୍ଚିଲି ୫୮ ବର୍ଷ ।

ବାହା ହେଲେ—ତୁମକୁ ଯେତେବେଳେ ଅଠବର୍ଷ, ଆଉ ମୋତେ ଯେତେବେଳେ ୧୦ବର୍ଷ ।

ସେ ବାହାଘର ତ କୁଣ୍ଢେଇ ଖେଳ । ମୁଁ ମାଇନର ସ୍କୁଲରୁ ଫେରିଲାବେଳେ ମା' ମା' ବୋଲି ଡାକେ; ତୁମେ ଡରରେ କବାଟ ଫିଟାଇବାକୁ ସାହସ କରନାହିଁ । ମା' ଘରେ ନଥାଏ । ତୁମେ ଆସି କବାଟ ଫିଟେଇ ଦେଲେ, ମୁଁ ତୁମକୁ ନ ଚାହିଁ ଉମ ଉମ ହୋଇ ଘର ଭିତରକୁ ପଶିଯାଏ । ଏହିପରି ଅନେକ ଦିନ ଗଲା ।

ତୁମେ ବାପ ଘରକୁ ଯାଅ, ପୁଣି ମଝିରେ ମଝିରେ ଆମ ଘରେ ଆସି ରୁହ ।

ମୋ ମା' ତୁମକୁ ଭଲ ପାଏ କିନ୍ତୁ ହାତ ପୋଡ଼ି ପକାଇଲେ, ତରକାରୀ ଖରାପ ରାନ୍ଧିଲେ, ତୁମ ଉପରେ ରାଗେ ।

Digitized by PPRACHIN, SOA

ତୁମେ ଡ଼ର ଡର ସବୁ ଶିଖ ।
ମୁଁ ସେତେବେଳେ ଛୁଆ । ମୋର ବିଶ୍ୱାସ ସରଳ ।
ଆମ ଘର ପୁରୋହିତ ବୁଢ଼ା ମୋତେ ବି ଭଲ ପାଉଥିଲେ ।
ମୁଁ ଖୁବ୍ ଗୋରା ହେବା ପାଇଁ ଇଚ୍ଛା କରୁଥିଲି ।

ପୁରୋହିତ ବୁଢ଼ା କହନ୍ତି, ଲଙ୍କାମରିଚ ଖାଇଲେ ଖୁବ୍ ଗୋରା ହେବ ।

ମୁଁ ସେଥିପାଇଁ ଲୁଚିକରି ଲୁଚିକରି ଗରମ ଭାତ ଭିତରେ ବଡ଼ା ଲଙ୍କାମରିଚ ଦେଇ ଚୋବାଇ ପକାଏ ।

କି ସରଳ ବିଶ୍ୱାସ—ବାସ୍ତବିକ୍ ।

ଇମ ଉପରେ ମୋର ଗୋଟିଏ ଅସନ୍ତୋଷ ଥାଏ । ତାର କାରଣ ମୁଁ ପିଲାଟିଦିନୁ ମେମ୍‌କୁ ବାହା ହେବି ବୋଲି ମନେ କରିଥିଲି—ମା' କହୁଥିଲା—ହଁ, ମେମ୍‌କୁ ବାହା ହେବୁ ।

ଯେତେବେଳେ ପାଲିଙ୍କିରେ ଚଢ଼ି ବାହା ହେବାପାଇଁ ଗଲି, ସାହେବ ମେମ୍‌ମାନେ ଯେଉଁଆଡ଼େ ଥାନ୍ତି, ସେହି ବାଟ ଦେଇ ମୋ ପାଲିଙ୍କି ଗଲା, ବାଜା ବାଜୁଥାଏ—ରୋଷଣି ଜଳୁଥାଏ । କେତେ ମେମ୍ ଛୁଆମାନେ ପରଦାକୁ ବାହାରି ଆସି ଦେଖିଲେ—ମୋତେ ବି ଦେଖିଲେ । ମୁଁ ଭାବୁଥାଏ—ଏହି ଝିଅମାନଙ୍କ ମଧ୍ୟରୁ ଗୋଟାକୁ ବିବାହ କରିବି ।

ବିବାହର ଅର୍ଥ ସେତେବେଳେ ଆଉ କିଛି ଜାଣି ନଥାଏ । କେବଳ ବୁଝିଲି ଛୁଆକୁ ଯେପରି ପାଖରେ ରଖିବାକୁ ଇଚ୍ଛା ହୁଏ, ହାତରେ ଧରିବାକୁ ଇଚ୍ଛା ହୁଏ, ତାକୁ ଗେହ୍ଲା କରିବାକୁ ଇଚ୍ଛା ହୁଏ, ଚୁମା ଦେବାକୁ ଇଚ୍ଛା ହୁଏ—ସେହିପରି । ଆଉ କିଛି ନା ।

Digitized by PPRACHIN, SOA

କିନ୍ତୁ କାହିଁ ? ପାଲିଙ୍କି ତ ବାହାରି ଗଲା । ବାଜାବାଲାମାନେ ବାଜା ବଜାଇ ବଜାଇ ପାଲିଙ୍କି ସାଙ୍ଗରେ ସେହି ମେମ୍ପଡ଼ା ପାରି ଡହାଇ ଚାଲିଗଲେ । ମୋ ମନରେ ଗୋଟିଏ କ୍ଷୋଭ ଆସିଲା ।

ପାଲିଙ୍କି ଯେତେବେଳେ ଗୋଟିଏ ବାଉଁଶ-ବଣ ଭିତର ଦେଇ ଗଲା ଏବଂ ତା'ପରେ ଗୋଟିଏ ଚାଳଘର ସାମନାରେ ଓହ୍ଲାଇଲା— ଆଉ ଶଙ୍ଖ ହୁଳହୁଳି ପଡ଼ିଲା । ମୋତେ ପାଲିଙ୍କିରୁ ଉଠାଇ ବେଦୀରେ ବସାଇବାକୁ ନେଲେ, ମୁଁ ଆପତ୍ତି କଲି—ନା, ଏଠି ବାହା ହେବି ନାହିଁ ।

କିନ୍ତୁ କିଏ ଶୁଣୁଛି ମୋ କଥା ? ମୋର ବଳ ବା କେତେ ? ସମସ୍ତଙ୍କ ଜୋର୍‌ରେ ମୋ ଜୋର୍ ହଟି ଗଲା ।

ବାହାଘର ବେଳେ ବେଦୀରେ ଆଣି ତୁମକୁ ମୋ ପାଖରେ ଯେତେବେଳେ ବସାଇ ଦେଲେ ଆଉ ଶଳା ମାଡ଼ ଯେତେବେଳେ ମୋ ପିଠି ଉପରେ ପଡ଼ିଲା, ସେତେବେଳେ ମୁଁ ପ୍ରତିବାଦ କରି ଉଠିଲି, ରାଗି ଉଠିଲି—କିଣ ମାନେ ନା, କିଣ କହୁଚି, କିନ୍ତୁ ଗୁରୁଜନ ମାନେ କହିଲେ—ଶଳା ସେପରି ମାରେ ।

ସେହି ଯେ ମନର ବକ୍ରତା, ବିରୋଧ ବହିଗଲା—ସେ ରହିଗଲା ଅନେକ ଦିନ । ମୁଁ ଆଉ ତୁମକୁ ଭଲ ପାଇ ପାରିଲି ନାହିଁ ।

ଯେତେବେଳେ ଘରେ ଏକାକୀ ରହୁଥିଲ, ଆଉ ମୁଁ ମଧ୍ୟ ରହୁଥିଲି—ସେତେବେଳେ ଆମେ ଗୁରୁଚକ୍ଷୁ ହୋଇ ପାରିଲେ ନାହିଁ । ସୁତରାଂ ଆମର ଆଉ ବାଲ୍ୟକୃଷ୍ଣ ଲୀଳା ବା ରାଧାକୃଷ୍ଣ ଲୀଳା ହୋଇ ପାରିଲା ନାହିଁ ।

ତା'ପରେ ଯୌବନ । ମୋତେ ସେତେବେଳେ ୧୭ବର୍ଷ, ତୁମକୁ ୧୫ବର୍ଷ । ତୁମେ ଆସିଲ ଯୁବତୀ ହୋଇ [illegible]

Digitized by PPRACHIN, SOA

କେତେ ଲୋକର କେତେ ଆନନ୍ଦ । ମା', ଭଉଣୀ, ବାପା, ମାମୁ ଆଉ ଆଉ ଗାଁର ଲେଖାଯୋଖା ମାଉସୀ ମାଇଁ ଇତ୍ୟାଦି । କିନ୍ତୁ ମୋର ମନରେ ଆନନ୍ଦ ନାହିଁ ।

ମୁଁ ମନେ ମନେ କ୍ରୋଧରେ ଭରୁଛି । ଯେତେ ଭାର ହାଣ୍ଡି ହାଣ୍ଡି ଆସୁଛି, ଯେତେ ଖଇ ଉଖୁଡ଼ା ମିଠେଇ ଆସୁଛି, ଆଉ ଆଉ ସବୁ ଆସୁଛି—ସେ ସବୁ ମୁଁ ଅଇଁଠା କରୁଛି, ଖଣ୍ଡିଆ ଖାବରା କରୁଛି, ଭାଙ୍ଗି ଦେଉଛି । ପ୍ରତିଜ୍ଞା ମୁଁ ବାହା ହେବି ନାହିଁ, ବେଦୀରେ ବସିବି ନାହିଁ । ଏ ବେଦୀ ଆମ ଘରେ—ତୁମ ଘରେ ନୁହେଁ ।

ସେଦିନ ରାତିର କଥା ଭୁଲିବି ନାହିଁ । ରାତି ଅଠଟା ନ'ଟା ବେଳେ ମୋତେ ବେଦୀକୁ ଟାଣିଲେ । ମୁଁ ଗୋଇଠା ମାରି ବେଦୀକୁ ଭାଙ୍ଗି ଦେଲି । ସମସ୍ତେ ଛି ଛିକର କଲେ । ତା'ପରେ ପ୍ରବୋଧ ଦେବାପାଇଁ ଚେଷ୍ଟା କଲେ । ସମସ୍ତେ କହିଲେ—ବିଶେଷତଃ ସ୍ତ୍ରୀ ଲୋକମାନେ—ମଲା, ଏ କମିତକା ଟୋକା ମ !

ଯାହାହେଉ ମନ୍ତ୍ର ପାଠ ହେଲା—ହୋମ ହେଲା ।

ତା'ପରେ ମୋତେ ସେ ହୋମ ନଉଆ ଧରି ଗୋଟିଏ ପୋଖରୀ କୂଳକୁ ଯିବାକୁ ହେଲା । ସବୁ କଥା ଠିକ୍ ଠିକ୍ ମନେ ନାହିଁ । ସେ ନଉଆ ପୋଡ଼ା ହୋଇଥିଲା, ସେଥିରୁ କିଛି ଖାଇଲି ନା କ'ଣ । ତା'ପରେ ମୋତେ ଘରକୁ ଆଣିଲେ ।

ତୁମ ପାଇଁ ବାସର ଘର ସଜା ହୋଇଥାଏ । ମୋତେ ତା' ଭିତରେ ପଶିବାକୁ କହିଲେ, ମୁଁ ନାହିଁ କଲି । କେତେ ଯୁକ୍ତିତର୍କ ହେଲା । ମୋର ବଡ ଭଉଣୀ, ଅହୁରି ଅହୁରି କେତେ ସ୍ତ୍ରୀଲୋକ ମୋତେ ଠେଲି ଦେଲେ ସେ ଘର ଭିତରକୁ ଆଉ ବାହାରୁ କବାଟ ଲଗାଇ ଦେଲେ ।

Digitized by PPRACHIN, SOA

ସେ ଘଡ଼ିରେ ତୁମେ ଚୁପ୍—ମୁଁ ଚୁପ୍ । ମୁଁ ଫାଁ ଫାଁ ହେଉଥାଏ । ତୁମେ ଡ଼ର କରି କେଉଁ କୋଣରେ ଥାଅ । ତା'ପରେ କିଛି ସମୟ ପରେ ମୁଁ ଥକା ଯୋଗୁ ଶୋଇ ପଡ଼ିଲି ଆଉ ତୁମେ କ'ଣ କଲ କେଜାଣି ଜାଣି ନାହିଁ ।

ଏବେ କ'ଣ ତୁମର ମନେ ଅଛି ? ମନେ ଅଛି ତ କହିବ ।

ତା'ପରେ ମୋର ଏଣ୍ଟ୍ରାନ୍ସ ପାଶ ହେଲା । ମୁଁ ବୃତ୍ତି ପାଇଲି । କଟକଲେଜରେ ପାଠ ପଢ଼ିବାକୁ ଗଲି । କେବେ ଆଉ ଘରକୁ ଫେରିବା ପାଇଁ ମନେ କରେ ନାହିଁ । କାରଣ ଘରକୁ ଗଲେ ତୁମେ ଅଛ ।

ଏଣେ ମା' ବାବା ବଡ଼ ଦୁଃଖିତ ହୁଅନ୍ତି । ସମସ୍ତଙ୍କର ପିଲା କଲେଜରୁ ଛୁଟିରେ ଘରକୁ ଫେରନ୍ତି ମୁଁ ଫେରେ ନାହିଁ ।

ଇତି ମଧ୍ୟରେ ମୁଁ ବ୍ରାହ୍ମ ସମାଜ, ଖ୍ରୀଷ୍ଟିଆନ ସମାଜ ଓ ମୁସଲମାନ ସମାଜ ଭିତରେ ମିଶି ଧର୍ମ ଭାବରେ ଜୀବନ କଟାଇବାକୁ ସବୁବେଳେ ଆଗ୍ରହ କରୁଥିଲି ।

ନାନା ଗଳ୍ପ ଉଠିଲା ଯେ ମୁଁ ମୁସଲମାନ ହୋଇ ଯାଉଛି, ମୁଁ ଖ୍ରୀଷ୍ଟିଆନ ହୋଇ ଯାଉଛି, ମୁଁ ବ୍ରାହ୍ମ ହୋଇ ଯାଉଛି । ବାବା ମା'ଙ୍କର ଚିନ୍ତାର ସୀମା ନାହିଁ । ତୁମର କି ଚିନ୍ତା ମୁଁ ଆଜି ପର୍ଯ୍ୟନ୍ତ ଜାଣିପାରି ନାହିଁ ।

ତା'ପରେ ଯୌବନ ଭରି ଭରି ଉଠିଲା—ଉତଳା ହେଲା ।

ତୁମ ସାଙ୍ଗରେ ହୁଏତ ଥରେ ଅଧେ ସେତେବେଳେ ମିଶିଛି । କିନ୍ତୁ ସେ ମିଶାରେ ଆନନ୍ଦ ହୋଇଛି କି ? କେବଳ ଦୁଧ ଗାଈ ଉଠି ଫୁଲି ଉଠିଲେ ଟିକିଏ ତେଲ ପକାଇ ଦେଲେ ପରି କମିଯାଏ ? ସେହିପରି ସାମୟିକ ଉତଳଟା ଟିକିଏ କମିଯାଏ ।

Digitized by PPRACHIN, SOA

ତା' ନହେଲେ ମନଟା କିଛି ଭଲ ନଥାଏ । ଏଣେ ଗୃହକର ଚାକର ବର ନାହିଁ । ତେଣେ ମା'ର ତାଡ଼ନାରେ—ଗୋଟିଏ କଥାରେ ଘର ଛାଡ଼ିଲି ।

ତୁମେହିଁ ହତଭାଗିନୀ ।

ଆଜ ୨-୪ବର୍ଷ ଦେଖା ହେଉନାହିଁ । ତା'ପରେ ମା' ଚେଷ୍ଟା କରିଛି, ଅନେକଥର ତୁମକୁ ମୋ ପାଖରେ ଛାଡ଼ିବା ପାଇଁ—ମୁଁ ଲେଜ୍ଝାଇଁ ଦେଇଛି ବାରଂବାର । ସେ କ ଦୁଃଖ ତୁମର ।

ତା'ପରେ ମା'ର ଅନେକ ଯତ୍ନ ପରେ—(ଆଜ ମା' ମରି ଯାଇଛି) ତୁମେ ମୋ ପାଖକୁ ଆସିଲ । ତୁମେ ମୁଁ ଏକାଠି ରହିଲୁ ।

କିନ୍ତୁ ସେଥିରେ ମଧ୍ୟ କେତେଥର ବା ଦେଖା, କେତେଥର ବା ଶୁଆ ?

ମୁ ସବୁବେଳେ କାମରେ ବ୍ୟସ୍ତ—ବାହାରେ, ଆଉ ତୁମେତ ସବୁବେଳେ ଘରେ ବ୍ୟସ୍ତ କାମରେ । ରାତି ହେଲେ ତୁମର ମୋର ଦେଖା ନାହିଁ । ଦୁହେଁଯାକ ନିଦ୍ରାସ୍ୱପ୍ନରେ ।

କୁହ ବୀଣା—ତୁମେ କ'ଣ ଜୀବନରେ କେବେ ସୁଖୀ ହୋଇଛ ?

ତା'ପରେ ତୁମେ ଗର୍ଭବତୀ । ଏହିପରି ଦୁଇବର୍ଷ ଚାଲିଗଲା—ତୁମର ମୋର ଦେଖା ନାହିଁ ।

ତା'ପରେ ମା'ର ଅନେକ ଚେଷ୍ଟାରେ ତୁମେ ମୁ ପୁଣି ଏକାଠି ହେଲୁ । କିନ୍ତୁ କ'ଣ ପାଇଁ ? ୨ଦିନ ପାଇଁ । ତୁମେ ଗଲ ଅନ୍ୟତ୍ର, ମୁ ଗଲି ଅନ୍ୟତ୍ର ।

୨ବର୍ଷ ଚାଲିଗଲା । ତା'ପରେ ହୁଏତ ଟିକିଏ ମିଶିଲୁ—ସେ ମଧ୍ୟ ୨ଦିନ ପାଇଁ ।

ତା'ପରେ ମୁ ଚାଲିଗଲି, ତୁମେ ଘରେ ରହିଗଲ । ସେ ଗଲା ୮ବର୍ଷ । ତା'ପରେ ପୁଣି ତୁମେ ମୁ ଏକାଠି ରହିଲୁ ।

Digitized by PPRACHIN, SOA

କିନ୍ତୁ ତୁମର ହେଲ ମେଲେରିଆ ଜ୍ୱର, ପ୍ଲୀହା, ପେଟନର୍ । ଆଉ ମୁଁ ଏଣେ ତେଣେ ବୁଲି ଫକୀର । ଯୌବନଟା ଏହିପରି ଏହିପରି ଗଲା । ତା'ପରେ ଆସିଲା ଟିକିଏ ପ୍ରୌଢ଼ ପଣ । ସେତେବେଳେ ଯାହା ଟିକିଏ ମିଶିବା, କଳି କରିବା, ଆନନ୍ଦ ପାଇବା, ପୁଣି ଆତ୍ମ-ହତ୍ୟା କାମନା କରିବା, କାରଣ ମୋର ଆଦର୍ଶ ସହିତରେ ତୁମର ଆଦର୍ଶ କେବେ ମିଳିଲା ନାହିଁ ।

ତୁମେ ଗୃହିଁଲ କନ୍ୟାର ଅଳ୍ପ ବୟସରେ ବିବାହ । ମୁଁ ଚାହିଁଲି ପାଠ ପଢ଼େଇବି । ଏହିପରି—ଏହିପରି ଚାଲିଲା ।

ତୁମେ କାହାର ଘରୁ ଖାଇବ ନାହିଁ । ମୁଁ ହେଲି ସର୍ବଖିଆ ।

ପୁଣି ମୋର ଆଦର୍ଶରେ ସବୁବେଳେ ଗୋଳମାଳ ଘଟିଛି, କିନ୍ତୁ ତୁମେ ତୁମର ପଥରେ ଅଟଳ, ସ୍ଥିର ହୋଇ ଚାଲିଛ । ମା' ବାବାର ସେବା କରିଛ । ସେମାନେ ଚାଲି ଯାଇଛନ୍ତି—ତଥାପି ତୁମେ ସମସ୍ତଙ୍କର ସେବା କରୁଛ । ମୁଁ ଜଗତର ସଂସ୍ପର୍ଶ ଓ ସଂଘାତରେ ଆଜି ବଦଳି ବଦଳି ଚାଲିଛି—ମୁଁ ହୁଏତ ତୁମ ଆଦର୍ଶଠାରୁ ବହୁ ନିମ୍ନରେ—ମୁଁ ଏହା ଅନୁଭବ କରୁଛି—କିନ୍ତୁ ଜଗତଟା ସେହି ନିମ୍ନକୁ ଚାଲିଛି ।

ଏତିକି ଆନନ୍ଦ ମୋର ଯେ ତୁମେ ଦିନୁଦିନ ମୋ ଚକ୍ଷୁରେ ଦେବୀ, ସୁନ୍ଦରୀ, ମହାପ୍ରାଣା, ଜଣା ଯାଉଛ—ଦେଖା ଯାଉଛ—

ଆଜ ମୁଁ ନିଜ ଠାରେ ଦିନୁଦିନ ଯେପରି ତଳକୁ ଖସିଛି—ବେଶୀ ଉପରକୁ ଉଠି ପାରି ନାହିଁ ।

ଆଉରି ଗୋଟିଏ କଥା—ତୁମେ ଅଛ ବୋଲି, ତୁମ ଯୋଗୁ ମୁଁ ଆଜି ଯେଉଁ ସ୍ଥାନରେ ଅଛି, ସେ ସ୍ଥାନରେ ମଧ୍ୟ ରହି ପାରନ୍ତି ନାହିଁ—ଆହୁରି ତଳକୁ ହୁଏତ ଖସି ଯାଆନ୍ତି ।

Digitized by PPRACHIN, SOA

କିନ୍ତୁ ଗୋଟିଏ କଥା କହିବି । ତୁମେ ମୋତେ ଶାନ୍ତି ଦେଇଛ—କିନ୍ତୁ ମୁଁ ହୁଏତ ତୁମ ବ୍ୟତିରେକେ ଆହୁରି ଅଧମ ହୋଇଥାନ୍ତି, ନୋହିଲେ ଆହୁରି ବହୁ ଉଚ୍ଚକୁ ଉଠିଥାନ୍ତି ।

ଯାହାହେଉ, ମୁଁ ତୁମକୁ ଆଉ ଦୋଷୀ କରୁନାହିଁ । ତୁମର ଆଶୀର୍ବାଦ ବରାବର ମାଗୁଛି—ମନେ ମନେ । ତୁମେ ଆଶୀର୍ବାଦ କରୁଛ ମଧ୍ୟ । ମୋର ପାପର କଥା ତୁମେ କାହାକୁ କହି ନାହିଁ ।

ଯେତେ ଯନ୍ତ୍ରଣା ସହୁଛ ସବୁ ଅନ୍ତରରେ ଏକା ଏକା ବସି ସହୁଛ । ତୁମକୁ ମୁଁ ମାନେ—ମାନିବି । ତୁମ ସ୍ପର୍ଶରେ ମୁଁ ପବିତ୍ର ହୋଇଛି ବାରବାର—ପବିତ୍ର ହେବି ଆହୁରି । ତୁମର ସେ ମରମ, ଦରଦ, କମନୀୟ ଭାବ—ସେସବୁ ତ ମୋତେ ନରମ କରିଛି—ମୋ ଚିତ୍ତକୁ ସୁନ୍ଦର କରିଛି—ସେଥିପାଇଁ ତ ମୁଁ ଯାହା ଅନ୍ୟକୁ ଭଲ ପାଇବାକୁ ଶିଖିଛି ।

ତୁମର ଦୁଃଖ କଥା ଏବେ ଶୁଣିଲେ—ମନେ ମନେ ଭାବିଲେ ଆତଙ୍କ ଉପସ୍ଥିତ ହୁଏ ।

(୨)

ଯଦୁକୁ ଜାଣିଛ ତ ! ସେ କ'ଣ କଲା । ପାଠ ଭଲ ପଢ଼ିଲା ନାହିଁ । ତେବେ ଜାପାନ ଗଲା । ସେଠୁ ଆମେରିକା ଗଲା । ବଡ଼ କଷ୍ଟରେ ପାଠ ପଢ଼ିଲା । ବଡ଼ ଦୁଃଖ ଭୋଗ କଲା । ବି. ଏ. ପାସ୍ କଲା । ସେଠି ଯେଉଁ ଝିଅମାନେ ତା' ସାଙ୍ଗରେ ପାଠ ପଢୁଥିଲେ, ତାଙ୍କର ଭିତରୁ ଜଣକୁ ପଟେଇଲା । ଯଦୁକୁ ବାହା ହେବାପାଇଁ

Digitized by PPRACHIN, SOA

ଅନେକ ଲୁଚିଥିଲେ, କିନ୍ତୁ ସେଥି ମଧ୍ୟରୁ ଜଣକୁ ଯଦୁ ପସନ୍ଦ କରି-ଥିଲା ଏବଂ ତାକୁ ବାହା ହେବାପାଇଁ ମନ ବଳେଇଲା ଆଉ ତାକୁ ମଧ୍ୟ ନାନା ଉପାୟରେ ବଳେଇଲା । ଦୁହେଁ ବାହା ହେଲେ । ସେ ବାହାଘର କିପରି ? ଆମ ତୁଅ ବାହାଘର ନୁହେଁ । ୩୦ବର୍ଷ ୩୫ ବର୍ଷ ବୟସର ବାହାଘର । ପୁଣି ଏଥି ମଧ୍ୟରେ ଅନେକ ଘ୍ରେମାଈ ହୋଇ ସାରିଥିବ ।

ଏ ବାହା ତୁମେ ପସନ୍ଦ କରିବ କି ନା, କିନ୍ତୁ ଦୁହେଁ ପାଠ ପଢିଛନ୍ତି, ଜୀବନ ବୁଝିଛନ୍ତି, ବଡ଼ ବଡ଼ କଥା ଭାବି ପାରୁଛନ୍ତି । କିନ୍ତୁ ଘର କଥା ସେପରି ନାହିଁ । ବଡ଼ ବଡ଼ କଥା ଅନେକ ହେଉଛି ସତ । ସ୍ତ୍ରୀ ଶବ୍ଦକାର—ପୁସ୍ତକ ଲେଖିକା, ପୃଥିବୀ ପର୍ଯ୍ୟାଟିକା । ସ୍ୱାମୀ ମଧ୍ୟ ଦେଶ ବିଦେଶ ଭ୍ରମଣ କରୁଛି—ଦେଶର ସ୍ୱାଧୀନତା ପାଇଁ ଦୁଃଖ ଭୋଗ କରୁଛି—ପାଗଳ ହୋଇଛି—ଅଭାବ, ଅନାହାରରେ ପଡ଼ୁଛି ।

ଅନେକ ଚେଷ୍ଟା କରୁଛି, ଅନେକ ଥର କୃତକାର୍ଯ୍ୟ ହୋଇଛି, ଅନେକ ଥର ବିଫଳ ମନୋରଥ ହୋଇଛି । ଏଥି ମଧ୍ୟରେ ସ୍ତ୍ରୀ ସ୍ୱାମୀକୁ ଛାଡ଼ି ଚାଲି ଯାଇଛି । ଏମାନଙ୍କର ପିଲାପିଲି ନାହିଁ । ମଝିରେ ମଝିରେ ପୁଣି ଦେଖା ହେଉଛି । ଆଉ ପ୍ରେମ କରିବାକୁ ବଳ ବୟସ ନାହିଁ । ଏକ ପ୍ରକାର ବୁଢ଼ା ବୁଢ଼ୀ ହେଲେଣି । ଷାଠିଏ ପାଖାପାଖି ହେଲେଣି । ଏମାନେ ଘର କଲେ—ସେ ଘର ଭାଙ୍ଗିଗଲା । ସେ ଘର ଦି' ଦିନର ହେଲା । ଅନେକ ବଡ଼ ବଡ଼ ଚିନ୍ତା କଲେ, ଅନେକ ବଡ଼ ବଡ଼ କଷ୍ଟ ମଧ୍ୟ କଲେ ।

କିନ୍ତୁ ଗୋଟିଏ ଅଭାବ ରହିଗଲା । ସେ ଦାମ୍ପତ୍ୟ ଜୀବନର ଚିର ମିଳନ ମଧୁରତା ରହିଗଲା ।

Digitized by PPRACHIN, SOA

ମାଟେଁ ମାଟେଁ ଛବ ଦେଖା ଯାଇ, ଶରଦାନ ଜେନ ଯାଇବା ପର୍ ରହୁଗଲ୍ ।

ତୁମ ନାମ ବୀଣା । ତାର ନାମ ଭୟୋଲ୍ । ବୀଣା ଆଉ ଭୟୋଲର ଜୀବନ କ୍ଷେତ୍ର ଅଲଗା । ଚନ୍ତା କ୍ଷେତ୍ର ଅଲଗା । ଏପର୍କ ଶଭ୍ କ୍ଷେତ୍ର ମଧ୍ୟ ଅଲଗା ।

ଜଗତରେ ବୀଣାର ନାମ ରହବ ଅନେକର ହୃଦୟ କ୍ଷେତ୍ରରେ । ସେହପର୍ ହୁଏତ ଭୟୋଲ୍ର ନାମ ରହବ ଅନେକଙ୍କର ଚନ୍ତା କ୍ଷେତ୍ରରେ । କାରଣ ଭୟୋଲ୍ ବଦୁଷୀ—ଚନ୍ତାଶୀଲା । ତାର ନମ୍ରିତ ଜୀବନ, ତାର ଗୃହିଣୀ, ତାର ସ୍ୱାଧୀନ ବହଙ୍ଗମତା । ସେଥିରେ ସେ ଜଣେ ପୂର୍ଣ୍ଣ ସୁଖିନୀ ତା' ନୁହେଁ ।

ତାର ସ୍ୱାମୀ ମଧ୍ୟ ନୁହେଁ । ପୁଣି ସ୍ୱାମୀ ଅନ୍ୟ କର୍ମିଣୀର ସହ-ଯୋଗରେ ଜୀବନର କର୍ମ ପଥରେ ଉତ୍ସାହ ପାଇ ଚାଲିଛୁ ।

ଅନ୍ୟ କର୍ମିଣୀଟି ଯୌବନର ପ୍ରାରମ୍ଭରେ ବସନ୍ତର ନର୍ମଭରେ ଯାହାକୁ ପ୍ରାଣ ଟାଣି ଦେଇଥିଲ୍ ଯାହା ସାହଚର୍ଯ୍ୟରେ ମାତୃତ୍ୱର ମଙ୍ଗଳ ଦର୍ଶନ କରିଥିଲ୍—ଆଜି ସେ ମଧ୍ୟ ଅଉ ସ୍ୱାମୀର ସ୍ନେହରେ ବନ୍ଦନୀ ହୋଇ ରହ ନାହିଁ । ଆଜି କର୍ମ ପଥରେ ସହଚରମାନଙ୍କ ସଙ୍ଗରେ ଜୀବନ ଯାତ୍ରା ନିର୍ବାହରେ ଚାଲିଛୁ—ତେବେ ସ୍ୱାମୀର ସଙ୍ଗ ଯେ ଏକାବେଳକେ ଚାଲି ଯାଇଛୁ ତାହା ନୁହେଁ ।

ଏ ଅଉ ଏକ ପ୍ରକାର ଜୀବନ । ଜୀବନ ଚାହେଁ ସୁଖ, ପର୍-ପୂର୍ଣ୍ଣତା, ଅକାଂକ୍ଷାର ତୃପ୍ତି ।

ମାଦକତା ଅପେ ଯାଏ । ପ୍ରୌଢ଼ ଅସେ । ସେତେବେଳେ ବ ନ ଅନ୍ୟ ଗତ ଧରେ ।

ଅଉ ଏକ ଜୀବନ ତ ଦେଖିଛ, ନନ୍ଦନୀର କଥା । ତୁମର ପର୍ ଗୃହ ବନ୍ଧୁ, କେହ ତାକୁ ଦେଖିପାରୁ ନଥିଲେ । ସେ ସ୍ୱାମୀ

Digitized by PPRACHIN, SOA

ସହ ସହବାସରେ ରହି ଶୂନ୍ୟ ପ୍ରାଙ୍ଗଣରେ ଜୀବନ କଟାଉଁ କଟାଉଁ ଅହିଲ୍ୟ ସ୍ୱାମୀର ମନରେ ପ୍ରବଳ ଧକ୍କା, ପ୍ରବଳ ଆନ୍ଦୋଳନ । ସେ ହେଲ ସନ୍ନ୍ୟାସୀ, ଆଉ ଏ ହେଲା ସନ୍ନ୍ୟାସିନୀ । ସନ୍ନ୍ୟାସୀ ହେଲ୍ ସତ କିନ୍ତୁ ବିରକ୍ତିର ପରିସୀମା ନାହିଁ । କିନ୍ତୁ ନନ୍ଦିନୀଟି ହସ ହସ ବଦନରେ ସହୁଛି ସବୁ କଥା ।

ଅନେକ ସ୍ୱର୍ଗ ଭୋଗ କରିଛନ୍ତି, ଅନେକ ପ୍ରେମ ଶଯ୍ୟା ହୋଇଛନ୍ତି; କିନ୍ତୁ ଅଳ୍ପ ସମୟ ଭିତରେ ଯୌବନ ଶେଷ ହେଉଣୁ ନ ହେଉଣୁ ବୈରିକ ଧରିଲେ ଏମାନେ ।

ତଥାପି ସଂସାରର ମାୟା ଅଛି—ପୁତ୍ର, କନ୍ୟା, ବଧୂ, ଜାମାତା ଏସବୁ ସେମାନଙ୍କ ଜୀବନକୁ ସୁଖାପ୍ଲୁତ କରିଛି ।

ଜୀବନ ଗୁହେଁ ରସ । ଜୀବନ ଗୁହେଁ ମଧୁରତା । କର୍କଶତା ଏଡ଼ିବାକୁ ହେବ । ମାତ୍ର କର୍କଶତା ଅସେ ଆମର ଭୁଲ୍ ଯୋଗୁଁ, ଦେବତାର ଅଭିସମ୍ପାତରୁ ।

ବୀଣା, ମନେ ଅଛି । ମୁଁ ଯେବେ ମହାବ୍ୟାଧିରେ ଆକ୍ରାନ୍ତ ହେଲି, ସେତେବେଳେ ତୁମର କି ତପସ୍ୟା—ସେତେବେଳେ ମୋର ମା'ର କି ଭାବନା—କି କ୍ରନ୍ଦନ—କି ଅନ୍ତରର କୋହ ।

ଆଉ ତୁମେ କପର ସବୁ ସହୁଛ । ଅଚ୍ଛା ଆଚ୍ଛା ତୁମେ ଦେବୀ ତୁମେ ମାନବୀ ନୁହଁ । ତୁମେ ସହିଲ, ମୁଁ ସହି ପାରିଲି ନାହିଁ । ମୁଁ ହେଲି ପାଗଳ । ମୁଁ ହେଲି ଭ୍ରଷ୍ଟ । ମାତ୍ର ନଷ୍ଟ ହୋଇ ନଥିଲି—ନଷ୍ଟ ହୋଇନାହିଁ ।

ଜୀବନରେ ଅସେ ନାସି ବିଦ୍ୟୁତ୍ ପରି । ଚମକାଇ ଦିଏ—ସୁଖ ଦିଏ—ଦୁଃଖ ଦିଏ—ମହା ବିପଦରେ ପକାଏ । ପୁଣି ତୁମେ ବୀଣା ! କେତେବ ହେଲେ ଆପଣାକୁ ସେସବୁ ବିପଦରେ ପକାଇ

Digitized by PPRACHIN, SOA

ନାହିଁ—ମୋତେ ସେସବୁ ବିପଦରୁ ରକ୍ଷା କରିବା ବିଷୟରେ ଚେଷ୍ଟା କରିଛ ।

ଅତଏବ ତୁମର ନାମରେ ଏତେ କଥା ଗାଉଛନ୍ତି ।

ଅଚ୍ଛା କହିଲ, ତୁମେ ପାଠ ପଢିଥିଲେ ଆମେ ଦି'ଜଣ ଅଧିକ ସୁଖୀ ହୋଇଥାନ୍ତୁ କି ନାହିଁ ? ଅବା ତୁମେ ପାଠ ପଢିଥିଲେ ହୁଏତ ମୋ ପରି ବିପଦରେ ମଝିରେ ମଝିରେ ପଡୁଥାନ୍ତ ଏବଂ ହାବୁଡୁବୁ ଖାଉଥାନ୍ତ ।

ଆଉ ଗୋଟିଏ କଥା—ବିବେକ ଯାହାର ଯେତେ ତୀକ୍ଷ୍ଣ, ସେ ସିନା ସେତେ ବୃଶ୍ଚିକ ଦଂଶନ ଅନୁଭବ କରେ । ରାଧାନାଥ (କବିବର) ସେଥିପାଇଁ ଜୀବନର ସାମାନ୍ୟ କଥା ପାଇଁ ମହା ବୃଶ୍ଚି ଦଂଶନ ଅନୁଭବ କରି ଯାଇଛନ୍ତି ।

ଅଥଚ ଏପରି ଅନେକେ ଅଛନ୍ତି, ଯେଉଁମାନେ ହୁଏତ ଭ୍ରଷ୍ଟ ଭିତରେ ଗଣ୍ୟ ହେବେ । ସେମାନଙ୍କର ଦିନେ ହେଲେ ଅନ୍ତରରେ ସେ କ୍ଷୋଭ, ସେ ବୃଶ୍ଚିକ ଦଂଶନ ହୋଇନାହିଁ ।

ବୀଣା ! ତୁମର ବିବେକ ବଡ଼ ତେଜସ୍ୱୀ, ସେଥିପାଇଁ ତୁମେ ସ୍ଥିର ଜଟିଳ—ଜଗି ଚାଲିଛ । ଯାହା ସତ୍ୟ ବୋଲି ଧରିଛ, ଧ୍ରୁବ ବୋଲି ଧରିଛ, ତାକୁ ଧରି ଚାଲିଛ ବଜ୍ର ମୁଷ୍ଟିରେ ।

କିନ୍ତୁ ଜଗତ ପରିବର୍ତ୍ତନଶୀଳ । ମୁଁ ଚାଲିଛି ପରିବର୍ତ୍ତନଶୀଳ ଜଗତର ସଙ୍ଗରେ ସେଥିରେ ଯୋଗ ଦେଇ—ସେଥିପାଇଁ ସେ ପ୍ରବଳ ସଂଘାତ ଅନୁଭବ କରିନାହିଁ । କିନ୍ତୁ ତୁମେ ଦୁସ୍ତର ପାଇଛ ଆଗରେ ପରିବର୍ତ୍ତନ ଦେଖି ।

ଏକଥା ଅବଶ୍ୟ ସତ୍ୟ କରି କହିବି । ବାହାରର ପରିବର୍ତ୍ତନରେ ତୁମେ ଦୁଃଖ ପାଇନାହିଁ—କୌତୁକ ଅନୁଭବ କରିଛ, କିନ୍ତୁ

Digitized by PPRACHIN, SOA

ଯେତେବେଳେ ନୈତିକ ଚରିତ୍ର ଉପରେ ଆଘାତ ଲାଗିଛି, ସେତେ-ବେଳେ ତୁମେ ଅଘାତିତା ହୋଇଛ—ବିଷାଦିନୀ ହୋଇଛ—ପାଗଳିନୀ ହୋଇଛ, କିନ୍ତୁ ଏପରି ସ୍ତ୍ରୀ ଲୋକ ଅଛନ୍ତି ବିବାହିତା, ଯେ ଏପରି କାମୁକୀ—ଏପରି ହୀନ ଚରିତ୍ରା—ଏପରି ଭ୍ରଷ୍ଟା ଯେ କୁହା ନଯାଏ । ଅବଶ୍ୟ ଏହା ମୁଁ ପସନ୍ଦ କରିନାହିଁ, ତୁମେତ କରିବ ନାହିଁ ।

ଆଜ ଦେଖ ସେହି କନ୍ୟାଟି ତୁମର ବିଧବା ହେଲା ଯୌବ-ନରେ । ଧନ୍ତ୍ରାନବତୀ ଥିଲେ ମଧ ଯୌବନ ଥିଲା, ସେଥିପାଇଁ ପାରିଲା ନାହିଁ । ପୁନର୍ବାର ବିବାହ କଲା, କିନ୍ତୁ ବିବାହ କରିବା ପୂର୍ବରୁ ଲକ୍ଷ ଲକ୍ଷ ତ ପ୍ରେମ ଅଭିସାର କଲା । ଏହାକୁ ତୁମେ କ୍ଷମା କରିଛ; କ୍ଷମା କରିବା ଅର୍ଥ ସହିବା—ସହିଛ । ଅଭିସମ୍ପାତ ଦେଇ ନାହିଁ ।

ଜଗତ୍ ବଡ଼ ବିଚିତ୍ର—ବିଚିତ୍ରତାହିଁ ଏହାର ପ୍ରକୃତି । ଏହି ବିଚିତ୍ର ସଂସାରରେ କେତେ ବିଚିତ୍ର ଲୋକ—ପୁରୁଷ ସାଧୁ ଅଛନ୍ତି, ସ୍ତ୍ରୀ ସାଧ୍ୱୀ ଅଛନ୍ତି, ପୁରୁଷ ଦୁଷ୍ଟ ଅଛନ୍ତି, ସ୍ତ୍ରୀ ଦୁଷ୍ଟା ଅଛନ୍ତି ।

କିନ୍ତୁ ଏହାଛଡ଼ା ଜଗତର ଆଦର୍ଶ ବଦଳୁଛି । ଏକ ସମୟରେ ଓଡ଼ିଶା ଝିଅ ଘରେ ରହିବା ମହାସତୀ ବୋଲାଉଥିଲା, ଘରର ମର୍ଯ୍ୟାଦା ରହୁଥିଲା ବଢ଼ୁଥିଲେ । ଅଜି ତାହା ନାହିଁ—ଆଜି ଅନ୍ତତଃ ଆମ ଓଡ଼ିଆ ସମାଜର ଉଚ୍ଚ ସ୍ତରରେ, ମଧ୍ୟବିତ୍ତଲୋକ ସ୍ତରରେ ମଧ ଆଉ ଏତେ ଲୁଚି ଲୁଚି ନାହିଁ । ମୁହଁ ଖୋଲାଖୋଲି ହେଲାଣି, କଥା ମଧ ମୁହଁରୁ ଫୁଟିଲାଣି—ଫିଟିଲାଣି ।

ଏହାକୁ ତୁମେ କଣ କହିବ ? ତୁମେ ମଧ ଏଥିରେ ପରି-ବର୍ତ୍ତିତ ହୋଇଛ । ଅତଏବ ନାଁ କରି ପାରିବ ନାହିଁ ।

Digitized by PPRACHIN, SOA

ଆଗର ଦେଖି ଖାଇବା ପିଇବାର ଜାତି ଭେଦ । ଆଜି ଆମେ ପୁରୁଷମାନେ ସମସ୍ତଙ୍କ ସାଙ୍ଗରେ ବସି ଖାଉଛୁ, ଯେପରିକି ଜଗନ୍ନାଥଙ୍କ ପ୍ରସାଦ ସେବନ କରୁଛୁ, କିନ୍ତୁ ସ୍ତ୍ରୀ ମାନେ ଏତେଟା ହୋଇ ନାହାନ୍ତି । ତଥାପି କେତେକ କେତେକ ହେଲେଣି ।

ଆଜ ତୁମେତ ଦେଖିଛ କନ୍ୟା ମା' ଆଜ ବାରବଣୀମାନେ ପିକା ଖାଆନ୍ତି—ମଲ୍ଲମା' କେତେ ଧୂଆଁ ଖାଉଥିଲ ।

ସେ ହେଲା ନିମ୍ନସ୍ତରର ସ୍ତ୍ରୀଲୋକଙ୍କ କଥା—ତାଙ୍କ ମଧ୍ୟରେ ଯେଉଁମାନେ ପୁରୁଷ ସାଙ୍ଗରେ କାମ ଦାମ କରନ୍ତି । ଛଣା କାମରେ ଏବଂ ଅନ୍ୟ କାମରେ ଅନେକେ ଟିକିଏ ବଦ୍ଧିଷ୍ଣୁ ହୁଅନ୍ତି । ଆମ ଘର ଝିଅମାନେ, ସ୍ତ୍ରୀମାନେ ସେପରି ହେଲେ ମହା ଗଣ୍ଡଗୋଳ ହେବ ସତ୍ୟ କଥା ।

କିନ୍ତୁ ଆଜି ମୁସଲମାନୀ ପାଠୁଆଣୀ ସିଗାରେଟ ଖାଇଲେଣି, ସେମାନଙ୍କ ଭିତରୁ ଅନେକେ ସିଗାରେଟ ଧରିଲେଣି ।

ମଦ ମଧ୍ୟ ଅନେକ ପାଠୁଆ ଯୁବକ ଏବଂ ପାଠୁଆଣୀ ଯୁବତୀ ମଧ୍ୟରେ ଗୃହୀଲଣି । ଆଜି ବିଏର୍ କକ୍ଟେଲ ଖାଉଛୁ କହିବାକୁ ଲାଜ ଲାଗୁନାହିଁ । ଏପରି ଅନେକ ମରଦ ପ୍ରର୍ଣ୍ଣ ସ୍ତ୍ରୀ ଅଛନ୍ତି ।

କୁକୁଡ଼ା ତ ଆଜି ହିନ୍ଦୁମାନଙ୍କ ଭିତରେ, ପାଠୁଆଙ୍କ ଭିତରେ, ଅଧିକାଂଶଙ୍କ ଭିତରେ ପ୍ରଧାନ ଖାଦ୍ୟ ହୋଇଛି । ଅତଏବ ଜଗତ୍ ବଦଳୁଛି, ଅବସ୍ଥା ବଦଳୁଛି, ଆଦର୍ଶ ବଦଳୁଛି । ଆଜି ହରିଜନଙ୍କୁ ଛୁଇଁଲେ ପାପ ନାହିଁ । ଆଜି ହରିଜନଙ୍କୁ ନ ଛୁଇଁଲେ ମହାପାପ । ଏଥିପାଇଁ ଆଇନ ମଧ୍ୟ କରା ହୋଇଛି ।

ଆଜି ମନ୍ଦିର ମଧ୍ୟରେ ହାଡ଼ି ପାଣ ପଶିବେ—ପଶିଲେଣି । ଅତଏବ ଆଦର୍ଶ ବଦଳୁଛି । ସେହି ଅନୁଯାୟୀ ଆମକୁ ବଦଳିବାକୁ ହେଉଛି ।

Digitized by PPRACHIN, SOA

ତୁମେ ବୀଣା, ଘର ଭିତରେ ରହୁଛ । ଜୀବନଟା! ଘର ଭିତରେ ବେଶୀ ବିତେଇ ଦେଇଛ, ସୁତରାଂ ତୁମେ ବାହାରର ପରିବର୍ତ୍ତନ ସମ୍ବନ୍ଧରେ ବିଶେଷ ପରିଚିତ ହୋଇନାହିଁ । ସୁତରାଂ ଆମ ତୁମ ଭିତରେ ବିଶେଷ ଖଟ୍‌କା ଲଗୁଛି ।

ଆଜି ବାହାଘର ଦେଖ—ଯିଏ ଯେଉଁଠୁ ବାହା ହେଲା । ଓଡ଼ିଆ ଖାଲି ଓଡ଼ିଆ ଘରେ ବାହା ହେବ ବା ଏକ ଜାତିରେ ବାହା ହେବ ଏପରି କଥା ନାହିଁ ।

ଆଜି ଓଡ଼ିଆ, ବଙ୍ଗାଳୀ, ପଞ୍ଜାବୀ, ତେଲେଙ୍ଗା ମିଶାମିଶି ବିବାହ—ପୁଣି ହାଡ଼ିଆଣୀ, ଗୁଡ଼ିଆ, ବ୍ରାହ୍ମଣ, ତେଲି ସବୁ ମିଶାମିଶି ବାହାଘର ଚଳିବାକୁ ଆରମ୍ଭ କଲେଣି । ଖାଲି ଏତିକି ନୁହେଁ, ଏଣିକି ଜାତି ରହିବ ନାହିଁ ।

ପୁଣି ଦେଖ ଦିଲ୍ଲୀ, ପଞ୍ଜାବ ପ୍ରଭୃତି ଅଞ୍ଚଳରେ ହଜାର ହଜାରରେ ଶିଖ ହିନ୍ଦୁ ମୁସଲମାନୀ ସ୍ତ୍ରୀକୁ ନେଇ ଅଛନ୍ତି—ମୁସଲମାନ ଅନେକ ହିନ୍ଦୁ ସ୍ତ୍ରୀକୁ ଧରି ନେଇ ଯାଇଛନ୍ତି । ସେମାନଙ୍କୁ ପୁଣି ଫେରାଇ ଆଣିବାକୁ ଚେଷ୍ଟା କରା ଯାଉଛି । ଅନେକ ଫେରୁଛନ୍ତି, ଅଥଚ ହିନ୍ଦୁ ସ୍ୱାମୀ ମୁସଲମାନ କର୍ତ୍ତୃକ ଧର୍ଷିତା ଭୋଗୀକୃତା ନାରୀକୁ ନିଜର ଅଙ୍କଶାୟିନୀ କରିବାକୁ କୁଣ୍ଠିତ ନୁହେଁ ।

ସେଥିରେ ତାର ସତୀତ୍ୱ ଯାଇ ନାହିଁ । ଏ ନୂତନ ସତ୍ୟକୁ ନୂତନ ଯୁକ୍ତିକୁ ତୁମେ ଗ୍ରହଣ କରିବ କି ?

ନ କଲେ ହିନ୍ଦୁ ସଂଖ୍ୟା କମିଯିବ । ହିନ୍ଦୁମାନେ ଦିନୁ ଦିନୁ କ୍ଷୟପ୍ରାପ୍ତ ହେବେ । ଏହା କି ତୁମର ଇଚ୍ଛା ? ତାହା କେବେ ନୁହେଁ । ଅତଏବ ଭାବ ଜଗତ୍ ଏବଂ ଜଗତର ଆଦର୍ଶ ବଦଳୁଛି ।

Digitized by PPRACHIN, SOA

ଆଜ ଆମର ଦେଶର ସ୍ତ୍ରୀଲୋକ ଯେ କୌଣସି ପୁରୁଷ ଦ୍ୱାରା ଆପଣାର ଛୁଆ କରୁଛୁ ଏବଂ ତାକୁ ନିଜର ଛୁଆ ବୋଲି ଆଦର କରି ପାରୁଛୁ । ପୁରୁଷ ତ ସେଠାରେ ଥାଏ ! ମାତୃତ୍ୱ ସେଠାରେ ମୁଖ୍ୟ, ପୁଣି ସନ୍ତାନ ପାଳନ ସେଠାରେ ମୁଖ୍ୟ ।

ଏହିସବୁ କଥା, ଏହିସବୁ ପ୍ରଶ୍ନ ଆମ ଆଗରେ ଆମ ସମାଜ ଆଗରେ ଉପସ୍ଥିତ । ଏହାର ସମାଧାନ କରିବାକୁ ହେବ—ଏହି ସମାଧାନ ଉପରେ ଏବଂ ତଦନୁଯାୟୀ ଚଳିଲ କାର୍ଯ୍ୟ ପ୍ରଣାଳୀ ଠିକ୍ କଲେ ସମାଜ ଗଢ କରିବ । ନୋହିଲେ ବର୍ତ୍ତମାନ ସମାଜ ପଙ୍ଗୁ ହୋଇ ଅଥବା ହୋଇ ଅଚଳ ହୋଇ ଶକ୍ତିହୀନ ହୋଇ ପଡ଼ି ରହିଛି ।

ଅତଏବ ଦେଖୁଛ ବୀଣା ! ସହଜ କଥା ନୁହେଁ । ଆଦର୍ଶ ବଦଳୁଛି ଗଢ ବଦଳୁଛି ।

ସାଧାରଣ ଲୋକ ଏହି ଗଢ ସଙ୍ଗରେ ତାଳ ପକାଇବାକୁ ଅସମର୍ଥ ହୋଇ କହୁଛି—କଳିକାଳ ଆସିଲା, କଳି ଘୋଟିଗଲା, ମହା ପାପ ହେଲା, ବ୍ୟାଧି ଘୋଟିଲା ।

ତଥାପି ବୀଣା ! ମୋର ମନରେ ସନ୍ଦେହ ଅଛି, ବର୍ତ୍ତମାନ ଜଗତ କେଉଁ ଆଡକୁ ଯାଉଛି ? ସ୍ୱର୍ଗ ଆଡକୁ ନା ରସା ତଳକୁ ? ସେ ବିଚାର ବଡ଼ ସହଜ ନୁହେଁ, ବଡ଼ କଠିନ ଏବଂ ଯୁଗ ପ୍ରବାହରେ ଲୋକେ ସାଧାରଣ ଲୋକେ ଭାସି ଚାଲିଛନ୍ତି । ଯଦି ବଦଳାଇବା ମହାପୁରୁଷଙ୍କର କାର୍ଯ୍ୟ, ସେ ଯେଉଁ ବାଟ ଦେଖାଉଛନ୍ତି, ଆମେ ମଝି ମଝିଆ ସେହି ବାଟର ଅନୁସରଣ କରି ଚାଲିଛୁ । ସେ କେଉଁ-ଠାରେ ଘରଭର, କେଉଁଠାରେ ମନ୍ଦର । ମାନ ମହାଜନୋ ଯେନ ଗତଃ ସ ପନ୍ଥାଃ ଏହି କଥାନୁସାରେ ଜଗତ ଚାଲିଛି ।

Digitized by PPRACHIN, SOA

ମୁଁ ଏତେ କଥା କହୁଛି, କାରଣ ତୁମେ କଥା କହି ଜାଣ ନାହିଁ, ଯୁକ୍ତି କରି ଜାଣ ନାହିଁ । ମାତ୍ର ବୁଝି ପାରିବ ଅନେକ କଥା । ଅଭିଜ୍ଞତା ତ ହୋଇଛି । ସଂସାର ତ ଅନେକ ଦେଖିଲ, ନିଶ୍ଚେ କଥା ଗୁଡ଼ାକ ବୁଝି ପାରିବ । ସବୁ ନହେଲେ ମଧ— ଅନେକଟା ।

ଦୁର୍ଭିକ୍ଷ ହେଲେ ଦୁର୍ଭିକ୍ଷରେ ତାଡ଼ିତ ହୋଇ କେତେ ସ୍ତ୍ରୀଲୋକ ଅପଣାକୁ ବିକି ଦିଅନ୍ତି ।

ପୁଣି ବାଣା ! କେତେ ପୁରୁଷ ନିଜ ସ୍ତ୍ରୀକୁ ଖୁବ୍ ଭଲ ପାଇ ପାଇ ଆଉ କାହାକୁ ଦେଖି ନିଜ ସ୍ତ୍ରୀକୁ ଅବହେଳା କରିଛନ୍ତି— ଅନ୍ୟ ପାଇଁ ପାଗଳ ହୋଇଛନ୍ତି—ପୁଣି ହୁଏତ ସେ କଥା ଛୁଟି ଯାଇଛି—ପୁଣି ବାଟ ସେ ପାଇଛି ।

ଏପରି ଅନେକ କଥା ଦେଖା ଯାଉଛି । ତୁମେ ଏ ସମସ୍ତଙ୍କୁ କ୍ଷମା କରିବ, ନା ତୁମର ତୀକ୍ଷ୍ଣ ଅସି ଦ୍ୱାରା ଏମାନଙ୍କୁ ବଳି ଦେଇ ଦେବ ?

ନା, ନା; ଏମାନଙ୍କର ମଧ ବଞ୍ଚିବାର ଅଧିକାର ଅଛି— ଏମାନଙ୍କର ମଧ ଏହି ଶରୀର ମନର ସୁଖ ଉପଭୋଗ କରିବାର ଅଛି । ଠକି ଶିଖିନ୍ତୁ—ଦେଖି ବୁଝନ୍ତୁ । ଅନେକେ ଠିକ୍ ବାଟକୁ ଫେରିଛନ୍ତି, ଅନେକେ ଭୁଲ୍ ବାଟରେହିଁ ରହି ଯାଇଛନ୍ତି, କି ସ୍ତ୍ରୀ କି ପୁରୁଷ ।

କଣ କରିବ ? ଅସହାୟ ମନୁଷ୍ୟ । ଦେଷ୍ଟମାର ସଙ୍ଗର ସଙ୍ଗୀର ଅଧୀନ ମାନବ । ଦୁର୍ବଳ ମାନବ । ଦୁର୍ବଳ କୁହ ବା ଯାହା କୁହ— ତାର ପାପକୁ, ତାର ଭୁଲ୍‌କୁ କ୍ଷମା କରିବା ଛଡ଼ା ଆମର ଆଉ କଛି ଉପାୟ ନାହିଁ ।

Digitized by PPRACHIN, SOA

ମୁଁ ତୁମକୁ ଏଠାରେ କେତେଗୁଡ଼ଏ ସ୍ତ୍ରୀ ଲୋକର ବର୍ଣ୍ଣନା ଦେବି । ଅବସର ବେଳେ ମୁଁ ସେମାନଙ୍କୁ ଲକ୍ଷ୍ୟ କରି ଯାହା ଭାବୁଛି, ଲେଖିଛି । ଏମାନେ ସବୁ ବଡ଼ ବଡ଼ ସ୍ତ୍ରୀ ଲୋକ—ଯାହାକୁ ଆମେ ଆଜି କାଲି ଭାରି ବଡ଼ ବଡ଼ କହୁଛୁ ଅର୍ଥାତ୍ ଭାରି ପାଠ ପଢ଼ିଛନ୍ତି, ସେମାନଙ୍କର ସ୍ୱାମୀ ଖୁବ୍ ବଡ଼ ଚାକିରି କରନ୍ତି, ସେମାନଙ୍କର ବେଶୀ ପଇସା ଅଛି, ସେମାନେ ସମାଜର ବଡ଼ ବଡ଼ ସ୍ଥାନରେ ମଧ୍ୟ ଅଛନ୍ତି । ଲେଖା ପଢ଼ା ଖୁବ୍ ଜାଣିଛନ୍ତି—କଥା କହି ଜାଣନ୍ତି । କିନ୍ତୁ······

ଆଉ ସେ କିନ୍ତୁର ଅର୍ଥ ଖୋଲି କରି କହିବାର ଦରକାର ନାହିଁ ।

ଏହି ଦେଖ ଜଣେ ଭାରି ବଡ଼ ଲୋକର ଝିଅ, ବଡ଼ ଲୋକର ବୋହୂ, ଖୁବ୍ ପାଠ ପଢ଼ିଛି, ବିଲାତ ଆମେରିକା ଯାଇଛି, ପୃଥିବୀ ବୁଲିଛି, ଲୋକଙ୍କ ସାଙ୍ଗରେ ମିଶିଛି ।

ତାର ଶାଢ଼ୀ, ତାର ବେଶ ଦେଖିଲେ ମୋତେ କାବା ହେବାକୁ ହୁଏ ।

ସତକୁ ସତ ଆଗେ ଆମ ଅପାଠୁଆଣୀ ସ୍ତ୍ରୀମାନେ ଟିକିଏ ଗହଣା ପିନ୍ଧୁଥିଲେ ବୋଲି ତାଙ୍କୁ କେତେ ନିନ୍ଦା କରାଯାଉ ଥିଲା । ଏହି ପାଠୁଆଣୀ ସ୍ତ୍ରୀମାନେ ଗହଣା ପିନ୍ଧନ୍ତି ନାହିଁ ବେଶୀ ସତ, ମାତ୍ର ତାଙ୍କ ଲୁଗା ପଟାର ଦାମ ହୁଏତ ହଜାର ହଜାର ଟଙ୍କା ।

ଏମାନେ ଆଜି କାଲି ୫୦ ରଙ୍ଗର ସିଗାରେଟ ଖାଇ ମଦ ବି ଖାଆନ୍ତି । ଏହି ଶୁଣ ମୋର କବିତା ତା ପ୍ରତି—

ଓଠ ରଙ୍ଗେଇ ସିଗାରେଟ ଖାଇ
ଫିନଫିନିଆ ସିଲ୍କ ଶାଢ଼ୀ ପିନ୍ଧି

Digitized by PPRACHIN, SOA

ତେଷମାଧାରଣୀ ଧୀର ସୁଷମା କାନ୍ତି
ଅଗୋ ଗୋରୀ ଅଗୋ ବସନ୍ତୀ
ଅଛିଛ ସମ୍ମୁଖେ ସଭ୍ୟ ଜନତାର
ତମକୁ ମୁଁ କରେ ଦୂରୁଁ ଜୁହାର
ତାସ ପଣା ଖେଳର୍ଓ୍ୟାଡ଼ଙ୍ଗା ଟେନିସ ବ୍ୟାଟ ଧାରଣୀ
ତୁମେ ନୁହଁ ତୁମେ ନୁହଁ ମୋହର ତାରଣୀ ।

ଆଉ ଜଣଙ୍କୁ ଦେଖି—

ସେ ଯାଉ ପଢ଼ିଛି, ଓକିଲଆଣୀ ହୋଇଛି, ତାର ଢ଼ଙ୍ଗଢ଼ାଙ୍ଗ ଖାର୍ ଭଲ ନୁହେଁ। ଏ ପୁରୁଷ ସେ ପୁରୁଷଙ୍କ ପାଖରେ ଠେସି ହୋଇ ବସେ—ତାର ଦେହରେ ଏବେ ବି ଲଳସା ଭର୍ତ୍ତି ହୋଇ ରହୁଛି । ତାକୁ ଦେଖି ଏହା ଲେଖିଥିଲି ଦିନେ ।

ଏହି ଶୁଣ—

ଯୌବନର ଜୁଆର ନ ମାନି
ତୁହି ମାନିନି,
କଲୁ ଯେଉଁ କେଳି
କିଏ ତୋତେ ଧନ୍ୟା କହିବନି ।
ହସ, ହସ, ଆଉ, ଆଉ,
ଯୌବନ ଯାଉଛି ଭାଙ୍ଗି
ଧୀରେ ତା ଆସିବ ଥଙ୍ଗ ଥଙ୍ଗ
ବୁଝିବୁ ଜୀବନ ବୁଝୁ ଥିବୁ ପର ।
ନମସ୍କାର ମୋହର
କାହିଁକି କହିବ ଦେଲିଲ୍ ନାହିଁ ବାଲା
କଥା ଗୁରୁ ଜନର ମାନିବାର ଯେବେ ଥିଲା ।

Digitized by PPRACHIN, SOA

ଏହିପରି ଅନେକ ସ୍ତ୍ରୀ ଅଛନ୍ତି । ଅନେକଙ୍କର କ୍ରିୟାକଳାପ ଖବର କାଗଜ ମାନଙ୍କରେ ଭୟଙ୍କର ଭାବରେ ବାହାରିବ । ସେସବୁ ଏକାଠି କରି ତୁମକୁ ଦେଖାଇଲେ ତୁମେ ଦେଖି ପାରିବ । ଏମାନେ ନାରୀ ଜାତିର କଳଙ୍କ, ତଥାପି ଏମାନଙ୍କୁ କ୍ଷମା କରିବାକୁ ଇଚ୍ଛା ହୁଏ । ଏମାନଙ୍କ ମଧ୍ୟରୁ କେତେକ ଶାରିରିକ ବ୍ୟାଧିଗ୍ରସ୍ତ, କେତେକ ମାନସିକ ବ୍ୟାଧିଗ୍ରସ୍ତ । ଏହି ଶାରିରିକ ବ୍ୟାଧି ମଧ୍ୟ ସେମାନଙ୍କୁ ଭ୍ରଷ୍ଟା ବ୍ୟଭିଚାରିଣୀ କରିଏ । ମାନସିକ ଭ୍ରଷ୍ଟତା ମଧ୍ୟ ଅଛି । ଯାହା ହେଉ, ତୁମେ ଏମାନଙ୍କୁ ସବୁ କ୍ଷମା କରିବ ମୁଁ ଜାଣେ ।

ଖାଲି ତୁମେ ଯାହାକୁ ନିଜର କରିଛ, ଆପଣାର କରିଛ, ସେମାନଙ୍କ ଚରିତ୍ରରେ କଳଙ୍କ ଲାଗିଲେ ତୁମର ପ୍ରାଣରେ ବିଷମ ଆଘାତ ଲାଗେ ମୁଁ ଜାଣେ ।

ଅଚ୍ଛା କହିଲ, ତୁମର ଝିଅ ଯଦି ମୁସଲମାନଙ୍କୁ ବିବାହ କରିଥାନ୍ତା । ଛି ଛି, ସେକଥା କହିବ ନାହିଁ । ତୁମର ପ୍ରାଣରେ ଭୟଙ୍କର ଆଘାତ ଲାଗିବ । ଅଚ୍ଛା କୁହତ, ମୁଁ ଯଦି ଗୋରୁ ମାଉଁସ ଖାଏଁ—ଛି ଛି ସେକଥା କହିବ ନାହିଁ, ତୁମର ପ୍ରାଣରେ ମହା ଆଘାତ ଲାଗିବ ।

ଅଚ୍ଛା କୁହତ ମୁଁ ଯଦି ମଦୁଆ ହୋଇଥାନ୍ତି, ଗଞ୍ଜେଇଆର ହୋଇଥାନ୍ତି—ଛି ଛି ! ସେକଥା କହିବ ନାହିଁ—ସେ ମୋର ଅପମାନ, ତୁମର ଅପମାନ ।

ଅଚ୍ଛା, ସେକଥା ଥାଉ । କହିଲ, ଗୋଟିଏ ଝିଅ ଏମ୍. ଏ. ହୋଇଗଲାଣି, ବଳାତ—ଏସବୁ ଜାଗାରେ ପାଠ ପଢୁଛି । ଏଣେ ତାକୁ ବୟସ ହୋଇ ଗଲାଣି ୨୫-୩୦, ତଥାପି ସେ ବାହା ହୋଇନାହିଁ ।

Digitized by PPRACHIN, SOA

ସେ କଣ ଠିକ୍ ଅଛି ? ତୁମେ ପଚାରିବ । ମୁଁ ମଧ୍ୟ ନିଜକୁ ପଚାରୁଛି ସେ କଣ ଠିକ୍ ଅଛି ?

ଜଣେ ଜଣେ ଲୋକ ୩୮-୩୯-୪୦ ବର୍ଷ ପର୍ଯ୍ୟନ୍ତ ବାହା ହୋଇ ନାହାନ୍ତି—ଅନେକ ଡେରିରେ ବାହା ହୋଇଛନ୍ତି—ସେମାନଙ୍କର ଯୌବନ କଣ ଫୁଟି ନାହିଁ ? ବସନ୍ତ ସେମାନଙ୍କୁ କଣ ପୁଷ୍ପ-ବାଣ ମାରି ନାହିଁ ? ସେମାନେ କଣ ସବୁ କନ୍ଦର୍ପ ବିଜୟୀ ? ନା, ନା, ବାରବାର ସେମାନେ ପରାହତ ହୋଇଥିବେ—ତଥାପି ସେହି ଅଭିଜ୍ଞତା ନେଇ ସେମାନେ ଜୀବନ ପଥରେ ଚାଲିଛନ୍ତି ।

ହଁ ଆଉ ପଚାରେ—ସେମାନେ କଣ ଭଲ ମଣିଷ ନୁହନ୍ତି ? ସେମାନଙ୍କର କଣ ଦୟା, ମାୟା, ସ୍ନେହ, ମମତା, ପ୍ରୀତି, ସେବା, ଦେଶ ପ୍ରୀତି ନାହିଁ ? ହୁଏତ ସବୁ ଅଛି, ନୋହିଲେ କିଛି କିଛି ଅଛି । ମୋଟ ଉପରେ ସେମାନେ ଆମରି ପରି ମଣିଷ—ଭଲ ମନ୍ଦରେ ତିଆରି, ଭଲ ମନ୍ଦର ଆଞ୍ଚ ତାଙ୍କୁ ଲାଗୁଛି, ଲାଗିଛି । କିନ୍ତୁ ତୁମେ କହିବ— ତୁମେ ଏସବୁ ଭଲ ପାଅ ନାହିଁ । ସରଳ, ଶାନ୍ତ, ସାଧାରଣ ଜୀବନ ତୁମର ଲକ୍ଷ୍ୟ ବିଭୁ ପାଦରେ, ସ୍ୱାମୀ ପାଦରେ, ଗୁରୁଜନଙ୍କ ପାଦରେ ରହି ସମସ୍ତଙ୍କର ସେବା କରିବା—ଘର କାମ କରିବା, ଗୋରୁ ଗାଈର ସେବା କରିବା, ଦୁଃଖୀଜନର ସେବା ମଧ୍ୟ କିଛି କିଛି ଶକ୍ତି ଅନୁଯାୟୀ କରିବା—ବିଳାସ ବ୍ୟସନ ନ କରିବା, ସିନେମା ନ ଦେଖିବା, ଅବା ଦେଖିଲେ ତ ଥରେ ଅଧେ—ଅତି ଉତଳା ନହେବା ପାଗଳ ନହେବା, ନିଶାଖୋର ନହେବା, ଏହାହିଁ ତୁମେ ଚାହଁ— ଏହାହିଁ ମୋତେ ତୁମେ କରିଛ ତୁମର ସ୍ପର୍ଶ ଦ୍ୱାରା, କିନ୍ତୁ ଜନତା ଚାଲିଛି କୁଆଡ଼େ ଶୁଣୁଛ ତ ?

Digitized by PPRACHIN, SOA

ହଁ, ତୁମେ କହିବ ସେହି ଦାଶଜଣଙ୍କ ସଙ୍ଗରେ ଆମର କି ଭାବ । ଆମର ଭାବ କରିବା ଉଚିତ ନୁହେଁ । ଆମେ ଆମର ବାଟରେ ଚାଲିଯିବୁ ।

ସତ କଥା—ସେ ମଧ୍ୟ ଗୋଟିଏ ମାର୍ଗ, ଗୋଟିଏ ଧର୍ମ, ଗୋଟିଏ ନୀତି । ତାର ମଧୁରତା ଅଛି, ତାର ସୌନ୍ଦର୍ଯ୍ୟ ଅଛି । ଆପଣାର ଆଦର୍ଶ ଠିକ୍ କରି ଆପଣା ବାଟରେ ଚାଲିଗଲେ ଏବଂ ଅନ୍ୟଙ୍କୁ ସେହି ବାଟରେ ଚଳାଇ ପାରିଲେ ଆମର ପୂର୍ଣ୍ଣ ଜୟ । ଆମର ମତବାଦ ପ୍ରତିଷ୍ଠିତ, କିନ୍ତୁ ସେପରି ପ୍ରଧାନ ପୁରୁଷ ବା ସ୍ତ୍ରୀ ଖୁବ୍ କମ୍ ଦେଖାଯାନ୍ତି । ତଥାପି ତୁମେ କହିବ—କେହି ମାନୁ ନମାନୁ ଆମ ମନକୁ ଯାହା ମାନିଛି ଆମେ ସେହି ବାଟରେ ଯିବା ।

କିନ୍ତୁ ପୁଣି ତୁମେ ଦେଖିତ, ତୁମେ ପୂର୍ବ ପୁରୁଷଙ୍କ ମତ ନେଇ ସ୍ମୃତି ଅନୁସାରେ ଚାଲୁଛ କି ନାହିଁ ? ପୁଣି ସମାଜ ଯେଉଁସବୁ ନିୟମ କରୁଛି, ତାକୁ ମାନିବାକୁ ଅଳ୍ପେ ଅଳ୍ପେ ବାଧ ହେଉଛ କି ନାହିଁ । ବ୍ୟବସ୍ଥାପକ ସଭାରେ ଅଳ୍ପେ ଅଳ୍ପେ ଯେଉଁ ଆଇନ ହେଉଛି ତାହାର ଅନୁସାରେ ତୁମର ଆମର ଜୀବନ ଗଠିତ ହେଉଛି କି ନାହିଁ ।

ଏହି ଦେଖ, ତୁମେ ମୁଁ ଆଠ ଦଶ ବର୍ଷରେ ବିବାହ କରିଥିଲୁ, ଏବେ ଆଇନ ଅନୁସାରେ ବାଳିକାର ୧୪ ବର୍ଷ ପୂର୍ଣ୍ଣ ନହେଲେ, ବାଳକର ୧୮ ବର୍ଷ ପୂର୍ଣ୍ଣ ନହେଲେ ବିବାହ ଆଇନ ସଙ୍ଗତ ନୁହେଁ । ଆଜି ସେପରି ବିବାହ କେହି ଧରାଇ ଦେଲେ ଦଣ୍ଡନୀୟ ହେବେ ବିବାହ କର୍ତ୍ତାମାନେ ।

ଅନେକ ବିବାହ ଲକ୍ଷ ଲକ୍ଷ ପ୍ରକାଶ୍ୟରେ ମଧ୍ୟ ଅଳ୍ପ ବୟସରେ ହୋଇଗଲା । ଏବେ କଣ ଦେଖୁଛ, ଅଳ୍ପେ ଅଳ୍ପେ ବିବାହର ବୟସ ମନକୁ ବଢି ଗଲାଣି ।

Digitized by PPRACHIN, SOA

ଏବେ ତୁମ ଆମ ଘର ସାନ ସାନ ହୋଇ ବାହା କରିବା ଖୁବ୍ କମି ଗଲଣି—ହୁଏତ ଦିନେ ଏକାବେଳକେ କମିଯିବ ।

ଅତଏବ ଯୁବତୀ କନ୍ୟାକୁ ଘରେ ରଖିଲେ ଯେଉଁ କଲଙ୍କ, ଯେଉଁ ଛି ଛାକର ଥିଲ—ତାହା ଧୀରେ ଧୀରେ ଉଠି ଯାଉଛି ।

ଏହାଦ୍ୱାରା ନୀତିଭ୍ରଷ୍ଟତା ହେଉଛି—ଏହା ମଧ୍ୟ ମାନିବାକୁ ହେବ, କିନ୍ତୁ କେହି କେହି ନୂତନ ଯୁକ୍ତି କରିବେ—ସେଠା ନୀତି ଭ୍ରଷ୍ଟତା ନୁହେଁ । ଏପରି ହୋଇଥାଏ ।

ଆଜି କେହି କେହି କହିବାକୁ ବାହାରିଲେଣି, ଏତ ଶରୀରର କ୍ଷୁଧା । ଅତଏବ ଏହାକୁ ପାଳନ କରିବାକୁ ହେବ । ଯୌନସଙ୍ଗମ ହୋଇଗଲେ ସେଥିରେ ଏତେ ବ୍ୟସ୍ତ ହେବାର କିଛି ନାହିଁ ।

ବିବାହ ଶିଥିଳ ହୋଇ ଯାଇଛି, କିନ୍ତୁ ତାହାକୁ ସେପରି କେହି ଲକ୍ଷ୍ୟ କରୁଛନ୍ତି, କେହି ଅବା ଲକ୍ଷ୍ୟ କରୁନାହିଁ । କିନ୍ତୁ ସାଧାରଣ ଲୋକ ତାର ବେଷ୍ଟନୀକୁ ଦେଖି ବେଷ୍ଟନୀ ଦ୍ୱାରା ଶୃଙ୍ଖଳିତ ସଂଯମିତ ହୋଇ ବଢୁଛି । ସେ କଣ କରିବ ? ଉପାୟ ଅନ୍ୟ ନାହିଁ ତା ପକ୍ଷରେ ।

ଗାରୋ ଜାତି ମଧ୍ୟରେ ପୁଅ ବିବାହିତ ହୋଇ ଶାଶୁ ଘରକୁ ଯାଏ । ସେଠାରେ ସେହି ନିୟମ । ଆମେ ସେଠା ପ୍ରଚଳନ କଲେ କିପରି ଅସମ୍ଭବ ପରି ଜଣାଯିବ । ଯଦିଚ ଘର ଜୁଆଁ ପ୍ରଥାଟା ଆମର ଅଛି, କିନ୍ତୁ ସାଧାରଣ ପ୍ରଥା ସାଧାରଣ ନିୟମ ଏହା ନୁହେଁ । ପୁଣି ମାଲବାରରେ ସମ୍ପତ୍ତି ମା' ଅଂଶରେ ମାମୁ ଅଂଶରେ ଚାଲେ । ସନ୍ତାନ ମଧ୍ୟ ସ୍ୱାମୀ ଘରର ନୁହେଁ—ପିଲାର ମାମୁ ଘରର ଅର୍ଥାତ୍ ସ୍ତ୍ରୀର ଭାଇ ଘରର । ସ୍ୱାମୀ ମରିଗଲେ ପିଲାକୁ ମାମୁ ନେଇଯାଏ । ଏପରି ନିୟମ ଆମେ ଏଠାରେ ଚଳାଇବୁ କି ? ଚଳାଇ ପାରିବୁ କି ? ଏହାକୁ ଧର୍ମ

Digitized by PPRACHIN, SOA

ଅଧର୍ମ କହୁବୁ କି ? କଛି ବୁଝି ହୁଏ ନାହି । କଛି ବୁଝି ହୁଏ— ପୁଣି ବୁଝି ହୁଏ ନାହିଁ ।

ଏହିପରି ଜଗତ ଗ୍ଲଲୁଛି । ଏହାର ଭିତରେ ତୁମେ ମୁଁ ଆସି ସ୍ୱାମୀ ସ୍ତ୍ରୀ ହୋଇ ୫୦ବର୍ଷ ପ୍ରାୟ କଟାଇଲୁ ।

ମୁଁ ପାପିଷ୍ଠା, ତୁମେ ପତିବ୍ରତା । ପତିବ୍ରତା ହେବାର ତୁମର ସୁବିଧା ଥିଲା । ମୁଁ ପତ୍ନୀ ଭ୍ରଷ୍ଟା ହେବି—ତୁମେ ନଥିଲେ ସଂସାରର, ଶରୀରର, ମାୟା ମୋହର ଅବହାର୍ଯ୍ୟାରେ । ଏହା ସ୍ୱାଭାବିକ ନୁହେଁ କି ? ସ୍ୱାଭାବିକ ହେଲେବି ତୁମେ ହୁଏତ କହିବ ଏହା କ୍ଷମଣୀୟ ନୁହେଁ । ମାତ୍ର ମୁଁ କହିବି କି ତୁମେ ନିଷ୍ଠୁର ହେବ ।

ସତୀ ! ଆଜି ତୁମକୁ ପ୍ରେମର ଚିଠି ଅଳୀରୁ ଉପହାର ଦେବି ନାହିଁ । ଆଜି ଦେବି ଏହି ଜଗତର—ଆମେ ଯେଉଁ ସମୟରେ ବଞ୍ଚିଛୁ, ସେହି ଜଗତର ସବୁ ହାଲଗ୍ଲଲର ଗୋଟିଏ ସାମାନ୍ୟ ନମୁନା । ଲୋକମାନଙ୍କର ଗତିବିଧି, ଭାବ, ଭାବନା ଚନ୍ତା କପରି ଗ୍ଲଲିଛି ବର୍ତ୍ତମାନ—ତାହାର ନମୁନା ।

ମୁଁ ତ ଅନେକ ଚିଠି ପାଏ ତୁମେ ଜାଣ । ସବୁ ଚିଠି କଣ ଗୋଟିଏ ଚିଠି ମଧ୍ୟ ସାଇତ ରଖି ପାରେ ନାହିଁ । ସବୁ ଚିରି ପକାଏ ବୋଙ୍ଗ ଖାଲି କରିବା ପାଇଁ । ଆଜି ଯେଉଁ ଚିଠିଗୁଡ଼ାକୁ ଚିରି ପକା-ଇବି, ଯେଉଁ ବୋଙ୍ଗ ଖାଲି କରିବି, ତାହାର ମର୍ମ କଥା ସବୁ ତୁମକୁ ଏଠାରେ ଶୁଣାଇ ଦେଇ ସାରି ସେସବୁ ଚିରି ଦେବି ।

ଏହି ଦେଖ ତୁମର ନାତୁଣୀର ବରକୁ । ସେ ଚିଠି ଲେଖିଛି ଗୋଟିଏ ଫେଲିଟ ହ୍ୟାଟ ଘା ପାଇଁ । ଫେଲ୍ଟ ହ୍ୟାଟ କଣ ତୁମେ ଜାଣ ନାହିଁ । ମୁଁ ଦେଖିଛି, ମାତ୍ର ଠିକ୍ ଜାଣେ ନାହିଁ । ମାତ୍ର ନବୀନ ପ୍ରାଣ ଛନ ଛନ ମନ ଯୁବକର ଫେଲ୍ଟ ହେଟ ସଉକକୁ ତୁମେ ଅବା

Digitized by PPRACHIN, SOA

ମନା କରିବ କାହିଁକି ? ପୁଣି କି ରଙ୍ଗର ? ପାଉଁଶିଆ ରଙ୍ଗ ହେଲେ ଭଲ, ଦୁଇକଡ଼ ଦେଖା ହୋଇ ନଥିବ । ଦୈବାତ ଯଦି ପାଉଁଶିଆ ରଙ୍ଗର ନ ମିଳେ, ଖଇରିଆ ରଙ୍ଗର କିଣିବା ପାଇଁ ଅନୁରୋଧ କରନ୍ତି ।

ଦୁଇ କଡ଼ ଦେଖା ହୋଇ ନଥିବ—ଦେଖା ହୋଇଥିଲେ କଣ ହୁଅନ୍ତା ? ବେଶୀ ଫାଞ୍ଚିଲ ବୋଲି କହନ୍ତେ ପରା । ଏହିପରି କଛୁ ମନୋଭାବ ଥିବ ।

ମହାତ୍ମା ଗାନ୍ଧି ଅଣ୍ଟ ତଳକୁ ଲୁଗା ପିନ୍ଧି ନାହାନ୍ତି ଭାରତର ଦାରିଦ୍ର୍ୟର ପ୍ରତୀକ ହୋଇ ରହିବା ପାଇଁ, ଆଉ ଏଠେଣ ଜଣକର ମନ ଫେଲ୍ଟ ହ୍ୟାଟ ପାଇଁ ।

ସେହି ହୁଏତ ଦେଶ ପାଇଁ ପ୍ରାଣ ଦେବ—ଦେଶ ପ୍ରୀତିରେ ମୁଗ୍ଧ ହେବ—କିଏ କହିପାରେ ? ମହାତ୍ମା ଗାନ୍ଧିଙ୍କର ମଧ୍ୟ ସେହିଆ ହୋଇଥିଲା ।

ଆଉ ଗୋଟିଏ ଛବି ଦେଖ । ବହିର ନାମ (ସେଟା ଇଂରାଜୀ ବହି) We Walk Alone ଅର୍ଥାତ୍ ଆମେ ଏକାକୀ ଚାଲୁଛୁ । ଏ କୁଷ୍ଠ ରୋଗୀଙ୍କୁ ଲକ୍ଷ୍ୟ କରି ଲେଖା ହୋଇଅଛି । ବାସ୍ତବିକ ସେମାନଙ୍କୁ ସହାୟ ହେବା ପାଇଁ, ସେମାନଙ୍କ ସହିତରେ ସୁଖ ଦୁଃଖୀ ହେବା ପାଇଁ, ସେମାନଙ୍କ ସହିତରେ ପ୍ରାଣ ମିଳାଇ କଥା କହିବା ପାଇଁ କେତେ ଜଣ ଅଛନ୍ତି ? ସେମାନେ ଜୀବନରେ କୁଷ୍ଠଗ୍ରସ୍ତ ହେଲା ପରେ ଏକାକୀ—ହଁ ଏକାକୀହିଁ ଚାଲନ୍ତି—ଚାଲି ଆସିଛନ୍ତି—ଚାଲୁଛନ୍ତି ।

କିନ୍ତୁ ଏଣିକି ? ଏଣିକି କଣ ଏହା ହେବା ଉଚିତ ? ନା, ଏହା ହେବା ଉଚିତ ନୁହେଁ । ଏହାହିଁ ବହିର ଲେଖକଙ୍କର ଧ୍ୱନି—ବ୍ୟଞ୍ଜନା ।

Digitized by PPRACHIN, SOA

ତୁମେତ ଜାଣ ମୋ ପାଇଁ କେତେ ଘାବଡ଼ା ହୋଇଥିଲ, ମୁଁ ନିଜେ କପରି ସଙ୍ଗେ ସଙ୍ଗେ ରୋଗର ଆରମ୍ଭରେ ଦେଶ ତ୍ୟାଗୀ, ଗୃହ ତ୍ୟାଗୀ, ପରିବାର ତ୍ୟାଗୀ ହୋଇ ବାହାରି ଗଲି—ହଁ କୁଷ୍ଠ ରୋଗୀମାନେ ବାସ୍ତବିକ ଜୀବନ ପଥରେ ଏକାକୀ, ଏକାକୀ, ନିତାନ୍ତ ଏକାକୀ ହୋଇ ଚାଲନ୍ତି । ସେମାନେ କୁଆଡ଼େ ପାପ କରିଥିଲେ, ବ୍ୟଭିଚାର କରିଥିଲେ, ପୂର୍ବ ଜନ୍ମର ପାପ ଇତ୍ୟାଦି ଯୋଗୁ ଏ ଦୁଃଖ ଭୋଗ କରୁଛନ୍ତି । ହଁ, ହୁଏତ ଅଜ୍ଞାନ ଗୋଟିଏ ପାପ । ଅଜ୍ଞାନ ଯୋଗୁ କଣ କରିଥିବ ଏବଂ ପ୍ରକୃତ ତାର କାର୍ଯ୍ୟ କରୁଛି । କୁଷ୍ଠ ରୋଗୀର ମୁଖରେ ସଂସାରରେ ବ୍ୟାଧିର ଜଳନ୍ତ ଚିହ୍ନ ଭରି ଦେଇଛି ।

କିନ୍ତୁ ବୀଣା ! ଅଜ୍ଞାନ କାହାର ନାହିଁ ? ସେପରି ପାପ କିଏ ନ କରେ ବା ନ କରିଛି ? ଅତଏବ କୁଷ୍ଠ ରୋଗୀ ସେହି ପାପୀ, ମହା ପାପୀ ଦୃଷ୍ଟିରୁ ଦେଖିବା ଉଚିତ ନୁହେଁ । ଏହା ମହା ଅନ୍ୟାୟ ଏବଂ ମହା ପାପ ବୋଲି କହିବି । ଥାଉ ଏତିକି ।

ଆଉ ଗୋଟିଏ କଥା ଦେଖ । ଜମିଦାରୀ ପ୍ରଥା ଉଠିଯିବା ଆନ୍ଦୋଳନ ଚାଲିଛି । ଲୋକେ ମୁଠେ ସମସ୍ତେ କପରି ଖାଇବେ, ଟିକିଏ ସୁଖରେ ରହିବେ, ଏଥିପାଇଁ ଆନ୍ଦୋଳନ ଚାଲିଛି । ଜମିଦାର-ମାନଙ୍କ ହାତରେ ଅନେକ ଜମି ରହି ଯାଇଛି । ସେସବୁ ତାଙ୍କଠାରୁ ନେଇ ନେବାକୁ ହେବ । ବାସ୍ତବିକ ସେସବୁ ଜମି ତାଙ୍କର ନୁହେଁ, ସେସବୁ ଜମି ସରକାରର । ସରକାର ସେମାନଙ୍କୁ ସେସବୁ ଜମିରୁ ଖଜଣା ଆଦାୟ କରି ସରକାରଙ୍କୁ ଦେବା ପାଇଁ ଭାର ଦେଇଥିଲେ ଏବଂ ସେହି ଜମି ଆଦାୟ ଭିତରୁ ସେମାନେ ପ୍ରାୟ ଅଧେ ପାଇବେ । ପାଉଥିଲେ । ସେଥିରେ ଜମିଦାର ଦୁର୍ବଳ ହୋଇଗଲେ—ଧନ ସମ୍ପତ୍ତି

Digitized by PPRACHIN, SOA

ତାଙ୍କ ହାତରେ ବେଶୀ ହୋଇଗଲା—ପ୍ରଜାମାନେ ଦୁଃଖରେ ରହିଲେ । ଏଥିପାଇଁ ଜମିଦାରୀ ପ୍ରଥା ଉଠି ଯିବାର ଚେଷ୍ଟା ଚାଲିଛି । ଆଜ ଯିଏ ପ୍ରକୃତରେ ଚାଷୀ, ତାର ହାତରେ ଜମି ରହିଲେ ଜମିର ମର୍ଯ୍ୟାଦା ବଢ଼ିବ, ବେଶୀ ଫସଲ ହେବ, ଭଲ ଚାଷ ହେବ ।

ଗୋଟିଏ କଥା ଅଛି—ଚଷା କି ଜାଣେ ପଶାର କଥା । ସେହିପରି ଗୁଣ୍ଡିଆ କି ଜାଣେ ଚାଷର କଥା, କିନ୍ତୁ ପୁରୋହିତ କି ଜାଣେ ଚାଷର କଥା । ଅତଏବ ଚାଷୀ ହାତରେ—ଚାଷୀ ହାତରେ କେବଳ ଜମି ରହିବ, ଅନ୍ୟ ହାତରେ ନୁହେଁ ।

ଯିଏ ଜମିର ତତ୍ତ୍ୱ ନେବ ନାହିଁ ଅଥଚ ଜମିର ଫସଲରେ ଭାଗୀଦାର ହେବ । ଏହା ଅନ୍ୟାୟ କଥା ନୁହେଁ କି ? ଅନ୍ୟାୟ—ନିଶ୍ଚେ ଅନ୍ୟାୟ ।

ଆଜ ଗୋଟିଏ ଶଠେ ଦେଖ ଆମ ସୁବଳର । ସୁବଳ ବଧିର କେଡ଼େ ସୁନ୍ଦର ପିଲା ! ମାତ୍ର ସେ ହରିଜନ । ହରିଜନ ବୋଲି ଆମେ କେତେ ଅନ୍ୟାୟ, ଅତ୍ୟାଚାର, ଜୁଲୁମ ତାଙ୍କ ଉପରେ କରିଛୁ । ଜାଣ ସୁବଳର ମନରେ କି କଷ୍ଟ । କରୁଣା ରାକ୍ଷୀ ପୂର୍ଣ୍ଣିମା ଦିନ ସୁବଳକୁ ଗୋଟିଏ ପଇତା ଦେଇଥିଲି । ସେହି ପଇତା ପିନ୍ଧି ସୁବଳ ବଡ଼ ଖୁସି ହୋଇଥିଲା । ମୁଁ ଦେଖିଲି ଯେ ଅନେକ ଦିନ ଧରି ସେ ସେ ପଇତା ପିନ୍ଧିଛି । ମୁଁ ଦେଖି ଖୁସି ହେଲି । ତାର ମନର ଭାବ ସୁନ୍ଦର ହୋଇଛି । ସେ ମୁଣ୍ଡରେ ଗୋଟିଏ ଚନ୍ଦନ ଟୋପା ମଧ୍ୟ ମାରୁଛି । ମୁଁ କହିଲି ଖୁସିରେ ସୁବଳ ବେଶ୍ ହୋଇଛି । ଏଣିକି ତୁମେ ବ୍ରାହ୍ମଣ । ସୁବଳ ଖୁସି ହେଲା ।

କିନ୍ତୁ କିଛିଦିନ ପରେ ସୁବଳକୁ ଦିଲ୍ଲୀ ଆସିବାକୁ ହେଲା । ଗାଡ଼ିରେ ଅନ୍ୟାନ୍ୟ ବନ୍ଧୁମାନେ ତାକୁ ଦେଖି ମୋତେ ପଚାରିଲେ,

Digitized by PPRACHIN, SOA

ମୁଁ କହିଲି—ସେ ଦିଲ୍ଲୀକୁ ମୋ ସାଙ୍ଗରେ ଯାଉଛନ୍ତି ହରିଜନ ସେବକ ସଙ୍ଘରେ ରହି ବହି ବନ୍ଧା ଆଉ କାଗଜ ତିଆରି ଶିଖିବ ।

ସୁବଳ ଏହା ଶୁଣି ବ୍ୟଥିତ ହେଲା । ସେ ହୋଇଥିଲା ବ୍ରାହ୍ମଣ ହେବ ପୁଣି ହରିଜନ ।

ହରିଜନ ସେବକ ସଙ୍ଘରେ ପୁଣି ଗୋଲମାଲ ଉପସ୍ଥିତ ହେଲା । ସେ ସେଠି କହିଲା ସେ ବ୍ରାହ୍ମଣ ।

ମୋ ପାଖକୁ ଚିଠି ଗଲା । ମୁଁ ସବୁ କଥା ବୁଝାଇ ଲେଖିଲି ଆଉ କହିଲି ବାଳକର ନରମ ପ୍ରାଣରେ ଆଉ ଆଘାତ ଦେବେ ନାହିଁ ।

ସୁପରିଣ୍ଟେଣ୍ଡେଣ୍ଟ ଲେଖି ପଠାଇଲେ—କଥା ଠା ବୁଝିଲି, ଆଉ ପଚାରିବୁ ନାହିଁ ।

ବର୍ତ୍ତମାନ ମୁଁ ପଚାରେ ତୁମେ ହରିଜନ କର—ସେମାନେ ସମାଜରେ ନୀଚ, ଏ ଭାବ ଜନ୍ମାଇ ସେମାନଙ୍କୁ ରଖିବା ଦ୍ୱାରା ତୁମେ ଆମେ ମହା ପାପ ଅର୍ଜନ କରୁନାହୁଁ କି ? ଅତଏବ ଅସ୍ପୃଶ୍ୟତା ମହା ପାପ ।

ଆଉ ଏକଥା କରିବାକୁ ଚାହେଁ, ହରିଜନ ହରିଜନ କହି ହରିଜନ ମାନେ ବେଶୀ ଦାବୀ—ବିନା ପଇସାରେ ଖାଇବୁ, ପଢ଼ିବୁ, ହଟିବୁ, ସବୁ କଥାରେ ଜିଦ୍ ଧରିଲେ ସେମାନେ ଚିରକାଳ ପୁଣି ହରିଜନ ହୋଇ ରହିଯିବେ ।

ବର୍ତ୍ତମାନ ସମସ୍ତ ଅଛନ୍ତି—ସେମାନେ ଏଣିକି ଆଉ ହରିଜନ ବୋଲାଇବେ ନାହିଁ । ସେମାନେ ଚଷା ହୋଇଯାନ୍ତୁ, ଖଣ୍ଡାୟତ ହୋଇଯାନ୍ତୁ—ସେମାନେ ତ ଜମି ଚାଷହିଁ କରନ୍ତି । ସେମାନେ କେଉଟ ହୁଅନ୍ତୁ—ସେମାନେ ତ ମାଛ ଧରନ୍ତି । ତାହାହେଲେ

Digitized by PPRACHIN, SOA

ହରିଜନରୁ ରକ୍ଷା ପାଇବେ । କାହିଁକି ବ୍ରାହ୍ମଣ ହୁଅନ୍ତୁ । ଆର୍ଯ୍ୟ ସମାଜ ତାହା କରି ନେବ । ମହାତ୍ମା ଗାନ୍ଧୀ ଯେଉଁ ଉଦ୍ଦେଶ୍ୟରେ ହରିଜନ ଶବ୍ଦ ବ୍ୟବହାର କରିଥିଲେ ତାହାର ମର୍ମ ଏବେ ହରିଜନ ମାନେ ମଧ୍ୟ ବୁଝୁ ନାହାନ୍ତି ।

ହରି ଅର୍ଥାତ୍ ଭଗବାନ, ଈଶ୍ୱରଙ୍କର ଜନ ବା ଲୋକ । ଖାସ ହରି ରସାମୃତ ।

ଅତଏବ ବୀଣା, ତୁମେ ଏଣିକି ହରିଜନଙ୍କୁ ଆପଣାର କର—ସେମାନଙ୍କୁ ଅଛୁଆଁ ଭାବ ନାହିଁ—ତାଙ୍କ ଘରକୁ ଯିବାକୁ ଭୟ କର ନାହିଁ—ତାଙ୍କ ସ୍ତ୍ରୀ ଲୋକଙ୍କ ସଙ୍ଗରେ ବସି କଥା କହିବାକୁ ଡର ନାହିଁ—ଏହାହିଁ ମୋର ଇଚ୍ଛା ।

ତୁମେ ମୋ କଥା କଣ ଶୁଣିବ ? କେବେ ଶୁଣିଛ କି ? ଏହାହିଁ ମୋର ଦୁଃଖ ।

ଯେଉଁମାନେ ଆମ ପଛେ ପଛେ ଆସୁଛନ୍ତି, ସେମାନଙ୍କ ଶିକ୍ଷାକୁ ଆମେ ଯେତେ ପାରୁଛୁ ଆମ ଶିକ୍ଷା ଦ୍ୱାରା ପ୍ରଭାବିତ କରୁଛୁ ।

ଏଣିକି ପାଠ ପଢ଼ା ବେଶୀ ବେଶୀ ହେଲା । ବାବୁଗିରି ମଧ୍ୟ ବଢ଼ିଲା । ସମସ୍ତେ ବଡ ହେବାକୁ ଚେଷ୍ଟା କଲେ, କିନ୍ତୁ ବଡର ଅର୍ଥ କେବଳ ନିଜର ଭୋଗ । ଆଉ ପରର ସେବା, ନିଜର ତ୍ୟାଗ, ଏସବୁ ଦଗକୁ ଲକ୍ଷ୍ୟ ଖୁବ୍ କମ୍ ଲୋକଙ୍କର ଅଛି ।

ଯାହାହେଉ, ଆମ ହାତରେ ଯେଉଁ ପିଲାମାନେ ଅଛନ୍ତି, ସେମାନଙ୍କୁ ଆମେ ଯେତିକି ଆମ ଜୀବନ ଦ୍ୱାରା ପ୍ରଭାବିତ କରି ପାରିବୁ ସେତିକି । ଆଉ ଅଧିକ କିଛି କରିବାର ଆଶା ରଖିବୁ କାହିଁକି ଆଉ ଆମେ ଅବା ଠିକ୍ ପୂରା ଠିକ୍ ଏପରି ଭାବି ଆମ ମତ ତାହାର ଉପରେ ଜୋର ଜବରଦସ୍ତି କରି ଚପାଇବୁ ଅବା କାହିଁକି ?

Digitized by PPRACHIN, SOA

ଆଜି ଦେଖୁଛୁ—ଯେ ପାଠ ପଢ଼ିଲା, ସେ ଚାକିରି ଚାକିରି ହୋଇ ଖୋଜି ମରୁଛୁ—ଚାକିରି ନ ପାଇଲେ ସେ ମଲା ।

ଅଥଚ ଯେଉଁ ଗୁଣ ଅଛି, ସେହି ଗୁଣ ଦ୍ୱାରା ଯଦି ସେ ସ୍ୱାଧୀନ ଭାବରେ ଚଳିପାରେ ଏବଂ ସାମାନ୍ୟରେ ସନ୍ତୁଷ୍ଟ ହୋଇପାରେ ସେ ହେଉନାହିଁ କାହିଁକି ? ଚାକିରି, ଚାକିରି, ଚାକିରି—ପୁଣି ବାବୁଗିରି ନବାବ, ଏସବୁ ଦେଖି ଦେଖି ମୋ ମନ ଜଳି ଗଲାଣି ।

ଆଜି ଗ୍ରାମ ମାନଙ୍କରେ ପଲ୍ଲୀମଙ୍ଗଳ ସମ୍ବାଦ ହେଉଛି । ବାବୁ-ମାନେ—ପାଠ ପଢ଼ୁଆ ବାବୁମାନେ ଏସବୁ କରୁଛନ୍ତି, କିନ୍ତୁ ଏହି ବାବୁମାନେ ଯଦି ଆଜ ଠିକଏ ବାବୁଗିରି ନିଜର ଛାଡ଼ି, ପଲ୍ଲୀର ସେବାରେହିଁ ଆତ୍ମ ନିଯୋଗ କରନ୍ତେ—କେତେ ଭଲ ହୁଅନ୍ତା । କିନ୍ତୁ କାହିଁ—

ଏତ ଗଲା ପଲ୍ଲୀମଙ୍ଗଳ କଥା ।

ଆଉ ଗୋଟିଏ ଦିଗକୁ ତୁମର ମନ ଆକର୍ଷଣ କରୁଛି । ଆମର କୁଟୀର ଶିଳ୍ପ ଇଂରାଜ ଆସିବା ପରେ, ଦେଶରେ ଶିଳ୍ପ ସବୁ ଧ୍ୱଂସ ପ୍ରାପ୍ତ ହେଲା ।

ଆଜି ମହାତ୍ମା ଗାନ୍ଧୀ କୁଟୀର ଶିଳ୍ପ ସମ୍ବନ୍ଧରେ ଚେଷ୍ଟା କରୁଛନ୍ତି । ରାୟ ବାହାଦୂର ଭିକାରିଚରଣ ପଟ୍ଟନାୟକ ଏଥିରେ ଏତେ ବର୍ଷ ଧରି ଲାଗିଛନ୍ତି, କିନ୍ତୁ ପ୍ରକୃତରେ ଏ ପାଗଳ ସରକାରର ସେ ଦିଗରେ ମନ ନାହିଁ । ସେ ଚାହୁଁଛି ଖାଲି ପଶ୍ଚିମର ଅନୁକରଣ କରିବ—ଠେଇ ଠେଇ କରି ନାଚିବ—ବଡ ବାବୁଗିରି କରିବ । କେଉଁଆଡୁ କିଛି ହେଉ ନାହିଁ ।

ଲୋକେ କି ଏପରି ଅବସ୍ଥାକୁ ଆସି ନାହାନ୍ତି ଯେ ଏକଜୁଟ ହୋଇ ଗଭର୍ଣ୍ଣମେଣ୍ଟର ଅପେକ୍ଷା ନ ରଖି ଯୌଥ କାରବାର ଆରମ୍ଭ

Digitized by PPRACHIN, SOA

କରନ୍ତେ । ଏଠାରେ ମଧ୍ୟ ଆମର ଚରିତ୍ରର ବଳ ନାହି । ଆମର ସାହସ ନାହିଁ, ନିଷ୍ଠା ନାହିଁ, ତ୍ୟାଗ ନାହିଁ, ଅଭିନିବେଶ ନାହିଁ । ସୁତରାଂ ଜାତିଟା ମଲା ପରି ପଡ଼ି ରହିଛି ।

ଏଣେ ଦେଖ ଆମର ପ୍ରାଚୀନ ପରମ୍ପରା ସବୁ ଭାଙ୍ଗି ଯାଉଛି—ଗଲାଣି । ପୁଣି ଚେଷ୍ଟା ଚାଲିଛି ପ୍ରାଚୀନକୁ ଚଳାଇବା ପାଇଁ—କିଛି କିଛି ଉଦ୍ଧାର ମଧ୍ୟ ହେଉଛି । ସଂସ୍କୃତ ଚର୍ଚ୍ଚା, ପ୍ରାଚୀନ ପୋଥିର ସନ୍ଧାନ, ଭଙ୍ଗା ସ୍ତୂପୀକୃତ ସ୍ଥାନର ଖନନ ଏବଂ ପ୍ରାଚୀନ କୀର୍ତ୍ତିର ସନ୍ଧାନ ଓ ରକ୍ଷଣାବେକ୍ଷଣ—ଏ ସବୁ ଚେଷ୍ଟା କିଛି କିଛି ଚାଲିଛି ।

କିନ୍ତୁ ଜାତିର ଲୋକ ସଂଖ୍ୟା ବର୍ତ୍ତମାନ ସୁଦ୍ଧା ନାନା ମୁଖୀ ହୋଇ ନାହାନ୍ତି, ବହୁ ମୁଖୀ ହୋଇ ନାହାନ୍ତି । କେବଳ ୨-୪ଟା ଦିଗରେ ଦୌଡ଼ୁଛନ୍ତି । ସରକାରୀ ଚାକିରି ତ ଗୋଟିଏ ଆଉ କଣ ? ଆଉ ଖୁଚୁରା ଖୁଚୁରା ଠିକାଏ ଏଣୁ ତେଣୁ—ଛାପାଖାନା, ବହି ଦୋକାନ ଏତିକି । ଆଉ କଣ ? ଆଉ ତ କିଛି ଦିଶୁ ନାହିଁ ।

ଏଥି ମଧ୍ୟରେ ଆଇନ ହେଉଛି—ସମସ୍ତେ ପାଠ ପଢ଼ିବେ, ସବୁ ବୟସ୍କ ଭୋଟ ଦେବେ, ଆମର ଶାସନ ତନ୍ତ୍ର ସେମାନଙ୍କ ଦ୍ୱାରା ଏହାପରେ ନିୟନ୍ତ୍ରିତ ଓ କେତେକ ପରିମାଣରେ ପରିଲକ୍ଷିତ ମଧ୍ୟ ହେବ ।

ତେଣେ ଭାରତରୁ ଗୋ-ବଧ ଉଠାଇବା ପାଇଁ ଗୋଟିଏ ସୋର ଉଠିଛି । ଭାରତରୁ ଗୋ-ବଧ ଉଠାଇବାକୁ ହେବ । ଉଠାଇ ହେବ କି ? ଗୋ ପୂଜା କରିବାକୁ ହେବ । ବୀଣା, ତୁମେ କେତେ ଖୁସି ହୁଅନ୍ତ ସତ ଯଦି ଭାରତରୁ ସବୁ କଲ୍‌ଖାନା ଉଠିଯାନ୍ତା । ଯାହା ଉପରେ ଅସଂଖ୍ୟ ଶାଗୁଣା ଉଡ଼େ, ଆଉ ଅସଂଖ୍ୟ ଗୋମାତା କଟା ହୁଏ, କିନ୍ତୁ ପାରିବୁ କି ? ଦେଖାଯାଉ, ଏ ଦିଗରେ କିଛି ଚେଷ୍ଟା ଚାଲିଛି ।

Digitized by PPRACHIN, SOA

ବାଃ ! ହେଲ ଦେଖ । ଅଦର୍ଶ—ସମାଜ କପର ବଦଳୁଛି । ଆମର ନର୍ସ ଦରକାର, ସ୍ତ୍ରୀ ଲୋକ ନର୍ସ ଦରକାର ସହସ୍ର ସହସ୍ର ଲକ୍ଷ ଲକ୍ଷ ଗର୍ଭବତୀ ସ୍ତ୍ରୀର ରକ୍ଷା ପାଇଁ—ଶିଶୁର ପ୍ରସବ ପାଇଁ । ଧାଇ ବା ଦାଇ ମାନଙ୍କ ସ୍ଥଳେ ଏଣିକ ପାଠୁଆଣୀ ସବୁ ବାହାରିବେ । କିନ୍ତୁ ଗୋଟିଏ କଥା—ଏମାନଙ୍କର ଢ଼ଙ୍ଗ ରଙ୍ଗ ଲୋକଙ୍କୁ ଆକର୍ଷଣ କରିବ । ପୁଣି ଏମାନେ ବେଶୀ ପଇସା ନିଜ ଜୀବନ ଚଳାଇବା ପାଇଁ ଲୋଡ଼ିବାକୁ ଯାଇ କୁପଥରେ ପଡ଼ିବେ—ଆଦର୍ଶ ବଦଳିବ ।

ଆଜ ଦିଲ୍ଲୀ ସହରରେ ଟେଲିଫୋନରେ, ଷ୍ଟେସନ ବୁକଷ୍ଟଲରେ, ଦୋକାନରେ ଝିଅ ଗୁଡ଼ା ଭର୍ତ୍ତି ହେଲେଣି । ତାଙ୍କ ପୋଷାକ, ତାଙ୍କ ବେଶ, ତାଙ୍କ ମୁରୁକ ମୁରୁକ ହସ, କଥା କୁହା ଦେଖିଲେ ପୂର୍ବର ଆଦର୍ଶର କିଛି ପାଇବ ନାହିଁ । ଏମାନେ ଏଣିକ ଆହୁରି ବେଶୀ ବେଶୀ ପଶିବେ ନାନା କ୍ଷେତ୍ରରେ । ତେଣୁ ଘର ଭାଙ୍ଗିଯିବ—ହୋଟେଲ ବେଶୀ ହେବ । ସ୍ୱଭାବ ବଦଳିବ, ରହଣି ସହଣି ବଦଳିବ । ମୋଟରକାର, ବାଇସିକିଲ, ମୋଟର ବାଇସିକିଲରେ ପୁରୁଷ ସ୍ତ୍ରୀ, ଅପରିଚିତ ପୁରୁଷ ସ୍ତ୍ରୀ ଅବାଧରେ ଯିବା ଆସିବା କରିବେ—କରିବାକୁ ଆରମ୍ଭ କଲେଣି । ହୁଏତ ମଦବି ଚାଲିବ—ନର ନାରୀ ମଧ୍ୟରେ—ଯାହା ବେଶ୍ୟା ଘରେ ଚାଲୁଥିଲା ।

ଏ ଜୁଆରକୁ ତୁମ ଏକାଦଶୀ ଠାକୁର ପୂଜା ଦ୍ୱାରା ବନ୍ଦ କରି ପାରିବ ? ନା—କଦାପି ନା ।

ତେବେ ଏ ପରିବର୍ତ୍ତନକୁ ଦେଖି ଏତେ ବ୍ୟସ୍ତ ହେବା ଅବା କାହିଁକି ? ତୁମର ଆଦର୍ଶରେ ତୁମେ ଚାଲିଛ, ଅନ୍ୟ ଅନ୍ୟ ଆଦର୍ଶରେ ଚାଲିଛନ୍ତି, କଣ କରିବ ?

Digitized by PPRACHIN, SOA

କଲେଜରେ ପାଠ ପଢୁ ପଢୁ ସିଲ୍କ ପ୍ରସବ କରିବେ କି ଆମାନେ ଯାହା ଦ୍ୱାରା ହେଉ—ସେକଥା ତୁମର ପଚାରିବାର କି ପ୍ରୟୋଜନ । ହୁଏତ ତାହା ମଧ୍ୟ ଜଣା ଯିବ—ଫୁଲ୍କସ ଫୁଲ୍କା ହୁଏତ ଯେ ନରନାରୀ ପରସ୍ପର ସଂପୃକ୍ତ କଥାବାର୍ତ୍ତା ହେବେ—ହୁଏତ ବିବାହିତ ଜୀବନର ଏକଚେଟିଆ ରହିବ ନାହିଁ—ସେସବୁ ଶୁଣିବାକୁ ତୁମକୁ ଭଲ ଲାଗୁ ନାହିଁ ମୁଁ ବୁଝି ପାରୁଛି । ମୁଁ କେବଳ କହୁଥିଲି ପୃଥିବୀଟା ଏହି ଆଡ଼କୁ ଗତି କଲଣି ।

କିନ୍ତୁ ଯାହାହେଉ ପଛେ—ସ୍ନେହ, ମାୟା, ମମତା, ପ୍ରୀତି, ବନ୍ଧନ ଏସବୁ କଣ ଚାଲିଯିବ ? ଏସବୁ ଯିବ ନାହିଁ । ଏସବୁ ହୁଏତ ଅଧିକ ବେଶୀ କରି ଜନ୍ମିବ ଅପରିଚିତ ସହିତରେ । ପରକୁ ଆପଣାର କରିବାର ପ୍ରବୃତ୍ତି ଏହାଦ୍ୱାରା ଅଧିକ ବଢିବ । ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ ଏମାନଙ୍କ ଭିତରେ ଭ୍ରାତୃତ୍ୱ, ବନ୍ଧୁତ୍ୱ, ପ୍ରେମ ହୁଏତ ଅଧିକ ବଢିବ । ବର୍ତ୍ତମାନ ଗୋଟିଏ ଗୋଟିଏ ଗଣ୍ଡୀ ଭିତରେ ରହି ଗୋଟିଏ ଗୋଟିଏ ସାମାଜିକ ବିଧି ବିଧାନରେ ରହି, ଗୋଟିଏ ଗୋଟିଏ ସାମାଜିକ ଓ ନୈତିକ ବନ୍ଧନରେ ରହି ଆମେ ଚିତ୍ତକୁ ସଂକୁଚିତ କରିଛୁ । ମୁଁ ଅବଶ୍ୟ କହି ପାରୁନାହିଁ—କେଉଁଟା ଠିକ୍, କେଉଁଟା ବେ-ଠିକ୍ ।

କିନ୍ତୁ ମନେ ହୁଏ ଜଗତରେ ସବୁ ଅଛି, ପୁଣି ପରିବର୍ତ୍ତିତ ହେଉଛି, ଏହାର ଭିତରେ ଆମେ ଗତି କରୁଛୁ । ଏହାର ଭିତରେ ସୂର୍ଯ୍ୟ ଉଦୟ ହେଉଛି, ସୂର୍ଯ୍ୟ ଅସ୍ତ ହେଉଛି । ଏହାର ଭିତରେ ଚନ୍ଦ୍ର ଉଠୁଛି, ତାରକା ଫୁଟୁଛି, ଆକାଶ ନୀଳ ସୁନ୍ଦର ଦିଶୁଛି । କେତେବେଳେ ଅବା ଚାରିଆଡ଼େ ଘନଘଟା ଘୋଟୁଛି, ବିଦ୍ୟୁତ୍ ଚମକୁଛି, ବଜ୍ର ବାଜୁଛି, ଶଙ୍କା ହେଉଛି ଏ ପୃଥିବୀରେ ପ୍ରଳୟ ହେବ ପରି !

Digitized by PPRACHIN, SOA

ଆଉ ଗୋଟିଏ କଥା ଦେଖା ଯାଏ। ସମସ୍ତେ ନିଜ ଜୀବନରେ ଅସନ୍ତୁଷ୍ଟ। କେହି ନିଜ ଜୀବନରେ ଏକାବେଳକେ ସୁଖୀ ନୁହେଁ। ପ୍ରତ୍ୟେକଙ୍କୁ ପଚାର—ସେ କହିବ, ଯେ ସେ ଜୀବନରେ ଅନେକ ଥର ଭୁଲ୍ କରିଛି। କେହି କହିବ ସେ ଇଞ୍ଜିନିଅର ନହୋଇ ମାଷ୍ଟର ହୋଇଥିଲେ ଭଲ ହୋଇଥାନ୍ତା। ଆଉ କେହି କହିବ, ସେ ମାଷ୍ଟର ନହୋଇ ଇଞ୍ଜିନିଅର ହୋଇଥିଲେ ଭଲ ହୋଇଥାନ୍ତା। କେହି କହିବ ସେ ସନ୍ନ୍ୟାସୀ ନହୋଇ ଗୃହସ୍ଥ ହୋଇଥିଲେ ଭଲ ହୋଇଥାନ୍ତା। ଆଉ କେହି କହିବ ଯେ ସେ ଗୃହସ୍ଥ ନହୋଇ ସନ୍ନ୍ୟାସୀ ହୋଇଥିଲେ ଭଲ ହୋଇଥାନ୍ତା। କେହି କେହି ଅବା କହିବେ, ସେମାନେ ରାଜନୀତିରେ ନ ପଶି ସମାଜ ବା ଧର୍ମନୀତିରେ ପଶିଥିଲେ ଭଲ କରିଥାନ୍ତେ, କିନ୍ତୁ ଭୁଲ୍‌ରେ ରାଜନୀତିରେ ପଶିଲେ। କେହି କହିବେ ସେ କେବଳ ଗଣିତରେ ଜୀବନ କଟାଇଥିଲେ ସୁଖୀ ହୋଇଥାନ୍ତେ। ଆଉ କେହି କହିବେ ସେ ବ୍ୟବସାୟୀ ହୋଇ ଥିଲେ ଭଲ ହୋଇଥାନ୍ତା। ଏସବୁ ଦୁଃଖାତ୍ମକ ଭୁଲ୍। ଏ ଭୁଲ୍ ସୁଧୁରିବାର ନୁହେଁ, କିନ୍ତୁ ଏ ଭୁଲ୍ କି ନା ତା'ର ସନ୍ଦେହ ଜନକ। ଯିମିତି ହୋଇଥିଲେ ଯିମିତି ହୋଇଥାନ୍ତା, ଇମିତି ହୋଇଥିଲେ ସିମିତି ହୋଇଥାନ୍ତା। ଏ ଭାବନାରେ ହୁଏତ ଭେଳକି ଅଛି—ଗୋଳ ଅଛି—ଯାଦୁ ଅଛି। ହୁଏତ ଏହା ସତ୍ୟ ନୁହେଁ। ହୁଏତ ଏହା ଜଣାଇଛି ଯେ ମନୁଷ୍ୟର ସବୁ ହେବାର ଆକାଂକ୍ଷାର ବୀଜ ଅନ୍ତର ଭିତରେ ନିହିତ। ସେଥିପାଇଁ ସେ ଯେଉଁଟା ପାଇ ନପାରି ଥାଏ, ସେହିଟାକୁ ପାଇବା ପାଇଁ ଲାଳାୟିତ ହୁଏ, ଅଶାନ୍ତ ହୁଏ, ଆକାଂକ୍ଷିତ ହୁଏ। ତାହାହେଉ ଛାଡ଼ ସେ କଥା। ମୋର ନିଜର ଇଚ୍ଛା ଥିଲା ବାବାଜୀ ବା ସାଧୁ ହେବି ବା ସନ୍ନ୍ୟାସୀ ହେବି, ପୁଣି ପାଦ୍ ପଡ଼ି-

Digitized by PPRACHIN, SOA

ଜ୍ଞାନୀ ହେବାର ଇଚ୍ଛା ମଧ୍ୟ ଥିଲା । ପୁଣି କୁସ୍ତି, ପହଁରା, ଫୁଟବଲ ଖେଳି ଖେଳଓ୍ୱାଡ଼, ଓସ୍ତାଦ, ବୀର ହେବାର ଇଚ୍ଛା ମଧ୍ୟ ଥିଲା ।

କିନ୍ତୁ ମଣିଷ ସବୁ ହୁଏ ଏବଂ କେଉଁଥିରେ କେଉଁଥିରେ ହୁଏତ ଅଧିକ ପାରଙ୍ଗମତା ଦେଖାଏ । ଗୋଟିଏ ବା ବହୁତ—ଏହା ମଧ୍ୟ ମନୁଷ୍ୟର ଅକ୍ତିଆରରେ ନଥାଏ । ସେ ସମ୍ପର୍କ ଓ ସଂଘାତରେ ବରବର ବଦଳେ । ଛାଡ଼ ସେ କଥା ।

ଆଜି ଗୋଟିଏ କଥା କହିବି । ଏବେ ଅନେକ ଜାତି ସେମାନଙ୍କ ଦଳ ଗଢୁଛନ୍ତି । କଥାରେ ଅଛି—ସଂଘ ଶକ୍ତିଃ କଳୌ ଯୁଗେ । କଳି ଯୁଗରେ ଏକତ୍ର ହେବା ଦ୍ୱାରା ବଳ ହୁଏ । ଏହାକୁ କେହି କେହି ନିନ୍ଦା କରୁଛନ୍ତି, କେହି କେହି ଏହା କରୁଛନ୍ତି ଉତ୍ସାହର ସହିତ ।

ଗୋଟିଏ କଥା କହିବି । ଏହି ସଂଘ କରିବା ଦ୍ୱାରା ଜାତି ଭିତରେ, ଭାଇ ମାନଙ୍କ ଭିତରେ ଗୋଟିଏ ଏକତା, ଗୋଟିଏ ପ୍ରୀତି, ଗୋଟିଏ ନିବିଡ଼ତା, ଗୋଟିଏ ନୈକଟ୍ୟ ଆସୁଛି—ଏହା କେହି ଅସ୍ୱୀକାର କରି ପାରିବେ ନାହିଁ ।

ଏହା ସଂକୀର୍ଣ୍ଣ ଜାତୀୟତା ନୁହେଁ । ଏହାଦ୍ୱାରା ଗୋଟିଏ ବିଭାଗର ସବୁ ଲୋକେ ଦୃଢ଼ ଏବଂ ବଳିଷ୍ଠ ହେଉଛନ୍ତି । ଗହ୍ୱାନରେ ଭ୍ରାତୃତ୍ୱ ଅନୁଭବ କରୁଛନ୍ତି—ଯେପରି କି ଇଟା ମାନଙ୍କରେ ଚୂନ, ସୁରକି, ସିମେଣ୍ଟ ଲାଗି ଏକ ହେଉଛି, ଦୃଢ଼ ହେଉଛି । ଏହିପରି ସବୁ ଜାତି ଦୃଢ଼ ହୋଇ ଉଠିଲେ ସମଗ୍ର ଜାତିର ବଳ ବଢ଼ିବ—କମିବ ନାହିଁ । ଅତଏବ ଭୟ କରିବାର, ଆଶଙ୍କା କରିବାର କିଛି କାରଣ ନାହିଁ ।

ଆଉ ଏହାଦ୍ୱାରା ଭିନ୍ନ ଭିନ୍ନ ସ୍ଥାନର, କ୍ଷୁଦ୍ର କ୍ଷୁଦ୍ର ଜାତିସ୍ଥାନା ସ୍ୱଭାବ ନିୟମ ଗୁଡ଼ିକ ଦୂରକୁ ଯାଇ ସବୁ ସ୍ଥାନରେ ଲୋକଙ୍କୁ ଗୋଟିଏ

Digitized by PPRACHIN, SOA

ନିଯୁମରେ ବାନ୍ଧିବା ପାଇଁ ଚେଷ୍ଟା କରା ଯାଉଛି । ସେ ସୁବିଧା, ସେ ସୁଯୋଗ ଏହି ଜାତି ସଭା ଦ୍ୱାରା ସମ୍ଭବପର ହେଉଛି ।

ପ୍ରନଷ୍ଟ ଭିନ୍ନ ଭିନ୍ନ ଜାତି ନିଜ ଜାତି ମଧ୍ୟରେ ଅଧିକରୁ ଅଧିକତର ସଂଖ୍ୟାରେ ଲୋକ ପୂରାଇବାକୁ ଇଚ୍ଛା କରୁଥିବାରୁ ଏହି ଜାତି ସଭାର ଚେଷ୍ଟା ସୁନ୍ଦର ହେଉଛି । ଏହାଦ୍ୱାରା ଯେଉଁମାନେ ଜାତିର ବାହାରେ ପଡ଼ିଥିଲେ ସେମାନେ ଭିତରକୁ ଆସୁଛନ୍ତି । ଏହିପରି ହେଉ ହେଉ କ୍ଷୁଦ୍ର କ୍ଷୁଦ୍ର ସଂକୀର୍ଣ୍ଣତା ଦୂର ହୋଇଯିବ । ଜାତି ଭିତରେ ଜାତି—ନାନା ସଂକୀର୍ଣ୍ଣ ବିଭାଗ ସବୁ ଦୂର ହୋଇଯିବ । ସମସ୍ତେ ମିଳିଯିବେ । ଏହା ଶୁଭ । ଏହା ଆନନ୍ଦର କଥା ।

ବୀଣା ! ତୁମକୁ ନେଇ ଜୀବନ ପଥରେ ଚାଲିଲି ଅନେକ । କିନ୍ତୁ ତୁମେ ମୋ ବାଟରେ ଚାଲିଲ ନାହିଁ । ତଥାପି ତୁମେ ବେଳବେଳେ ମୋ ସାଙ୍ଗରେ ସାଙ୍ଗ ଦେଇଛ—ତୁମକୁ ଧନ୍ୟବାଦ ଦେବି, ତୁମ ଠାରେ ଚିର କୃତଜ୍ଞ ରହିବି, ତୁମକୁ ସେଥିପାଇଁ କିରିବର ଭୁଲିବି ।

ଆଚ୍ଛା କହିଲ ବୀଣା, ପାପ ପୁଣ୍ୟ କାହାର ବିଚାର କରାଯାଏ ? ପାପ କି ବାସ୍ତବିକ ଏତେ ଖରାପ ? ମୁସଲମାନ ଜବେଇ ନହେଲା ମାଂସ ଖାଇବ ନାହିଁ । ଅନ୍ୟ ଲୋକେ ସେକଥା ମାନନ୍ତି । ଜବେଇ ହୋଇଥିବା ମାଂସ ନ ଖାଇଲେ ମୁସଲମାନର ପାପ ହୁଏ, ହିନ୍ଦୁର ପାପ ହୁଏ ନାହିଁ । ଦକ୍ଷିଣ ଭାରତରେ ମାମୁ ଭାଣିଜୀକୁ ବିବାହ କଲେ ଭଲ ବିବାହ, ଏଣେ ଆମେ କଲେ ମହା ଗୋଳମାଳ ଉପସ୍ଥିତ ହେବ, ମହା ପାପ ହେବ, ନୁହେଁ କି ? ପୁଣି ମାମୁର ଝିଅ ସହିତରେ ପିଉସୀ ପୁଅର ବାହାଘର ମଧ୍ୟ ଶୁଭ—ଦକ୍ଷିଣରେ କିନ୍ତୁ ଏଣେ ନୁହେଁ । ଦକ୍ଷିଣରେ ନାୟାର କନ୍ୟାମାନେ ବ୍ରାହ୍ମଣ (ନମ୍ବୁଦ୍ରି ବ୍ରାହ୍ମଣ)

Digitized by PPRACHIN, SOA

ଦ୍ଵାରା ସନ୍ତାନ ଉତ୍ପାଦନ କରିଲେ ପାପ ନାହିଁ, ବରଂ ଏହା ସାଧାରଣ ପୁଣ୍ୟର କଥା । ଏବେ ସେ ନିୟମ ବଦଳୁଛି । ଯାହା-ହେଉ, ମୋର କହିବାର କଥା—ଦେଶକାଳ ପାତ୍ର, ନଦୀକାଳ ଭାବ ହିସାବରେ ସବୁ କଥା ଚାଲିଛି । ମଲ୍‌ମା ପିଇ ଖାଇଲେ ପାପ ନାହିଁ । ତୁମେ ପିଇ ଖାଇଲେ ମହା ଅନ୍ୟାୟ, ଘୋର ଅନ୍ୟାୟ, ସଂସାର ପ୍ରଳୟ, ମୋର ମନରେ କଷ୍ଟ, ମନରେ ବିଦ୍ରୋହ—ସବୁ ହୋଇଯିବ ।

ଅତଏବ ପାପ ପୁଣ୍ୟର ମାପକାଠି ସବୁ ଦେଶରେ, ସବୁ ସମାଜରେ ଭିନ୍ନ ଭିନ୍ନ ସ୍ତରରେ ଭିନ୍ନ ।

ଅଚ୍ଛା, ଅମର ତ ବିଧବା ବିବାହ ଅଛି, ତାହା ସମାଜ ମାନିଛି । କିନ୍ତୁ ବ୍ରାହ୍ମଣ ଘରେ ତାହା ନିନ୍ଦନୀୟ ଥିଲା—ଏବେ ବି ଅଛି, କିନ୍ତୁ ଆଇନ ଦ୍ଵାରା ବିଧବା ବିବାହ ପୁଣି ସଙ୍ଗତ କରାଯାଇଛି । ସେହିପରି ଯୁବତୀ ବିବାହ—ଅଥଚ ପୂର୍ବେ ଥିଲା ଯେ ଦଶ ବର୍ଷରୁ ଅଧିକ କନ୍ୟାକୁ ଘରେ ରଖିଲେ ଏବଂ ରଜସ୍ଵଳା ହେଲେ ତାଙ୍କ ରକ୍ତ ତାର ପିତାମାତାମାନେ ପାନ କରିବେ, ଅର୍ଥାତ୍ ଏତେବଡ଼ ପାପ ହେବ; କିନ୍ତୁ ଆଜି ତାହା ନାହିଁ । ହାଡ଼ି ଘରେ, ମୁସଲମାନ ଘରେ, ଖ୍ରୀଷ୍ଟିଆନ ଘରେ ହିନ୍ଦୁ ଖାଇଦେଲେ ମହା ପାପ ହେବ, ସେ ସମାଜଚ୍ୟୁତ ହେବ । ଏବେବି ହେଉଛି, କିନ୍ତୁ ତଥାପି ସମାଜ ବଦଳିଛି—ସେକଥା ପାପଜନକ ନୁହେଁ ବୋଲି ଧରି ଯାଉଛି । ଆଜି ନର ନାରୀ ସଭା ସମିତିରେ ଏକାଠି ବସୁଛନ୍ତି—ସେଥିରେ ବାରଣ ନାହିଁ ବରଂ ନାରୀ ପଦାକୁ ବାହାରିଛି ବୋଲି ଦେଶର ସାଧାରଣ କାମରେ ବେଶ ଭାଗ ନେଉଛି ବୋଲି ଅନ୍ୟ ନାରୀ ଠାରୁ ସେ ଅଧିକ ବାହାବା ପାଉଛି—ପ୍ରଶଂସନୀୟା ହେଉଛି ।

Digitized by PPRACHIN, SOA

ଆଜି ସମାଜ ପରିତ୍ୟକ୍ତା ବେଶ୍ୟା, ସମାଜ ଠାରୁ ଏତେ ଦୂରରେ ଆଉ ନାହିଁ । ସେ ଥିଏଟରେ, ସିନେମାରେ, ଭଦ୍ର ସମାଜର ନିକଟବର୍ତ୍ତିନୀ ହୋଇ ତାର ସ୍ଥାନ ସମାଜରେ କେତେକ ପରିମାଣରେ କରି ନେଉଛନ୍ତି । ତାଙ୍କୁ ଆମେ ଗୀତ, ନୃତ୍ୟ ପାଇଁ ପ୍ରଶଂସା କରୁଛୁ । ତେବେ ଉପରେ ପ୍ରଶଂସା ଓ ଉପଭୋଗ, ଭିତରେ ନିନ୍ଦା ଓ କେତେକ ଘୃଣା ଆଜି ମଧ୍ୟ ରହିଛି । ହୁଏତ ତାହା ମଧ୍ୟ ବଦଳି ଯିବ । ସାହେବ ମେମମାନେ ଯେ ଯାହାକୁ ମନ ପାଇଲେ ଧରି ନାଚନ୍ତି । ଏଠା ସମାଜ ଅନୁମତ ହୋଇଛି, ଏହା ଘୃଣ୍ୟ ନୁହେଁ । ଏହିପରି ପାପ ପୁଣ୍ୟର, ମାପ କାଠି ସମାଜରେ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ । ଅତଏବ ପାପ କଣ ଏହା! ଜଟିଳ ମୁସ୍କିଲ । ତଥାପି ମନୁଷ୍ୟକୁ ତାର ସମାଜ ଦେଖି ନିଜର ଆଚରଣ ବ୍ୟବହାରକୁ ଠିକ୍ କରିବାକୁ ହେବ ।

ଆଜି ଅନେକ ସ୍ତ୍ରୀଲୋକ ବିବାହ କରୁ ନାହାନ୍ତି, ସେହିପରି ଏକା ଏକା ରହି ଯାଉଛନ୍ତି । ଏହା କିଛି ବର୍ଷ ପୂର୍ବେ ଭାବିବା ମଧ୍ୟ ଏକ ପ୍ରକାର ପାପ ଥିଲା—ଆଜି ତାହା ନାହିଁ । ଆଜି ଅସଂଖ୍ୟ ସ୍ତ୍ରୀଲୋକ ବିବାହ ନକରି ନର୍ସ ହେଉଛନ୍ତି ଏବଂ ପୀଡ଼ିତ ଲୋକଙ୍କର ସେବା କରୁଛନ୍ତି, କିନ୍ତୁ ସେହି ସେବା କରିବାରେ ସେମାନେ ହୁଏତ ସଂଯମ ରଖି ନପାରି ନିଜେ ଯୌନ କର୍ମରେ ଲାଗି ଯାଉଛନ୍ତି ହୁଏତ ଡାକ୍ତର, ହୁଏତ ରୋଗୀ ଭଲ ହୋଇଗଲେ ତାଙ୍କ ସଙ୍ଗରେ ଏହି ଗୋପନ କ୍ରିୟା କେତେ କେତେ ବେଳେ କରୁଛନ୍ତି ।

ଏହା ପ୍ରକୃତ ଚିତ୍ର—ଏହାକୁ ସଂଯମିତ କରିବା ପାଇଁ ବିବାହର ନିୟମ । ତଥାପି ବ୍ୟତିକ୍ରମ ଗୁଡିକ ପୁଣି ସମାଜର ଉପକାରରେ ଆସି ଯାଉଛି । ଅବଶ୍ୟ କେହି କେହି ବ୍ରତ ନେଇଛନ୍ତି ନର୍ସ

Digitized by PPRACHIN, SOA

କାମ କରୁଛନ୍ତି ଯେପରି ଖାଣ୍ଟି ସନ୍ନ୍ୟାସୀ । କିନ୍ତୁ ଖାଣ୍ଟି ସନ୍ନ୍ୟାସୀ ଥାଉ, ଖାଣ୍ଟି ନର୍ଦ୍ଦ ମିଳିବା ଦୁଷ୍କର, କିନ୍ତୁ ତାହା କହିବାକୁ ଗଲେ ଖାଣ୍ଟି ଜିନିଷ ମିଳିବା ମଧ୍ୟ ଦୁଷ୍କର ନୁହେଁ କି ?

ଯାହାହେଉ ବୀଣା, ମୁଁ ତୁମକୁ କେତୋଟି କଥା କହିବାକୁ ଚାହୁଁଥିଲି, କହିଲି । ସମାଜର ଗତି, ସ୍ଥିତି ସମ୍ବନ୍ଧରେ ତୁମର ପରିଚୟ କରାଇ ଦେବାକୁ । ଏକଥା ଭାବିବ ନାହିଁ ଯେ ମୁଁ ଦୁର୍ବଳର ପକ୍ଷ ନେଇ ଲଢ଼େଇ କରୁଛି—ଆଜି ହୁଏତ ମୁଁ ନିଜେ ଦୁର୍ବଳ ହେବି ବୋଲି ଏବଂ ସେତେବେଳେ ତୁମ ନିକଟରେ ଯୁକ୍ତି ବାଢି ଜିତିବାର ପାଇବି ବୋଲି । ତୁମେ ମହା କଠୋର—ତୁମେ ଏସବୁ ଯୁକ୍ତି ଶୁଣିବ ନାହିଁ, ମାନିବ ନାହିଁ । ମୁଁ ତୁମ ବିଚାରରେ ତଳକୁ ପଡ଼ିଲେ ତୁମେ କାନ୍ଦିବ, ଶରୀର କ୍ଷୟ କରିବ, ମନରେ କଷ୍ଟ ପାଇବ—ଏକଥା ମୁଁ ଜାଣେ । ତୁମର ପାଇଁ—ତୁମରି ପାଇଁ ବୀଣା, ମୁଁ ଠିକ ରହୁଛି । ସେଥିପାଇଁ କହୁଥିଲି, ତୁମେ ନଥିଲେ ହୁଏତ ମୁଁ ଅନେକ ତଳକୁ ଚାଲିଯାନ୍ତି ।

କିନ୍ତୁ ଅନ୍ୟ କଥାଟି ମଧ୍ୟ ବିଚାର୍ଯ୍ୟ । ମୁଁ ପିଲାଟି ଦିନୁ ଯେପରି ବାବାଜୀ ହେବାକୁ ଇଚ୍ଛା କରିଥିଲି—ଶଙ୍କରାଚାର୍ଯ୍ୟ ହେବାକୁ ଇଚ୍ଛା କରିଥିଲି । ତୁମେ ଓ ମୁଁ ଏକତ୍ର ବିବାହିତ ହୋଇ ନଥିଲେ ହୁଏତ ତଳକୁ ନ ଖସି ଯାହାକୁ କହନ୍ତି ଉପରକୁ ଉଠିବା—ସେହି ସେହି ଉପରକୁ ଅଧିକ ଉଠିଥାନ୍ତି । କିଏ କହିପାରେ ? ତେବେ କାଳ ହସ୍ତରେ ଆମେ ସବୁ କ୍ରୀଡ଼ା ପୁତ୍ତଳିକା—ନୁହେଁକି ? କାଳ ଭୟଙ୍କର—ତାର ନିୟମରେ, ତାର ଇଙ୍ଗିତରେ, ତାର ପ୍ରେରଣାରେ, ତାର ଅବନରେ ଆମେ ସାମାନ୍ୟ ନର ନାରୀ ଉଠ ବସ ହେଉଛୁ—ନୁହେଁକି ? ଭାବ ।

Digitized by PPRACHIN, SOA

ବାଣୀ ! ମୁଁ ଯେତେବେଳେ ମୁସଲ୍‌ମାନ ହୋଇ ଯାଉଥିଲି ବୋଲି ହୋ ଉଠିଥିଲ; ସେତେବେଳେ ମୁଁ ଖୁବ୍ ମୁସଲମାନ ଧର୍ମ ଆଲୋଚନା କରୁଥିଲି—କୋରାନ ପଢୁଥିଲି, କିନ୍ତୁ ଅଜଡ ସବୁ ପଢ଼ୁଛି । ହିନ୍ଦୁ ଧର୍ମ, ତନ୍ତ୍ର, ବୌଦ୍ଧ ଧର୍ମ, ଶୈବ ଧର୍ମ, ନାସ୍ତିକତା ସବୁ, କିନ୍ତୁ ସହଜରେ କଣ ସେଇଆ ହୋଇ ଯାଉଛି ? ତାହା ନୁହେଁ । ଜୀବନରେ ରସ ପୁଷ୍ଟି ପାଇଁ ସବୁଠାରୁ ଆହାର୍ଯ୍ୟ ସଂଗ୍ରହ କରିବାର ଯେଉଁ ବାସନା ବା ମାନସ ତାହା ମନ୍ଦ ନୁହେଁ । ଅଚ୍ଛା ଆଜି ମୁସଲମାନ ଧର୍ମ କଣ, କିପରି, ସେ ବିଷୟରେ ଏଠାରେ କିଛି ଆଲୋଚନା କରିଯାଉ ।

କୋରାନର ତ ପ୍ରଧାନ କଥା ଶାନ୍ତି । ସଲାମ ଅର୍ଥ ଶାନ୍ତି । ସଲାମ ଆଲେକମ୍ ଅର୍ଥ ଶାନ୍ତି ତୁମକୁ, ଅର୍ଥାତ୍ ତୁମକୁ ଶାନ୍ତି ହେଉ ।

ଏହିତ ମୁସଲମାନ ଧର୍ମର ବୀଜ । ତାପରେ ଦେଖାଯାଉ । ମହମ୍ମଦ କିପରି ଲୋକ ଥିଲେ ଦେଖ । ସେ କହୁଛନ୍ତି—

ମୁଁ ଜଣେ ମନୁଷ୍ୟ ମାତ୍ର । ମୁଁ ଯେତେବେଳେ ତୁମ ଧର୍ମ ସମ୍ବନ୍ଧରେ କହିବାକୁ ଯାଉଛି ଗ୍ରହଣ କର, କିନ୍ତୁ ମୁଁ ଯେତେବେଳେ ମୋ ମତ ବୋଲି ତୁମକୁ କହୁଛି; ସେତେବେଳେ ମୁଁ ଜଣେ ମନୁଷ୍ୟ ମାତ୍ର—ଏହା ଜାଣିବ ।

ମହମ୍ମଦ ସ୍ପଷ୍ଟ କହୁଛନ୍ତି—"ସେ ଆମ ଭିତରୁ ଜଣେ ନୁହେଁ ଯେ ପରର ସ୍ତ୍ରୀକୁ ତା' ସ୍ୱାମୀ ଠାରୁ ଭୁଲାଇ ଆଣେ କିମ୍ବା କୌଣସି ଚାକରାଣୀକୁ ତା ମୁନିବ ଠାରୁ ଭୁଲାଇ ଆଣେ ।

(ଅବୁ ହୁରାୟ୍ରା A. B.)

× × × ×

ସତ୍ୟ କଥା, ରାଗ ସୟତାନ ଠାରୁ ଆସେ ।

(ଅବୁ ରସ୍ୱେଲ୍ A. B.)

× × × ×

Digitized by PPRACHIN, SOA

କେହି ଶବକୁ ଦେଖିଲେ ସେହି ଶବ ଦେହ ସହିତରେ ଗୃହ ନ ପାରିଲେ ଅନ୍ତତଃ ଭକ୍ତି ଦେଖାଇବା ପାଇଁ, ଶ୍ରଦ୍ଧା ପାଇଁ କ୍ଷଣକ ଛିଡ଼ା ହୋଇଯିବ ସେ ଶବ ଗୃହଯିବା ପର୍ଯ୍ୟନ୍ତ ।

× × × ×

ନିନ୍ଦୁକର ସ୍ୱର୍ଗବାସ ନାହିଁ ।

× × × ×

ସବୁ ରକ୍ତପାତ ମନା ।

× × × ×

ଭିକ୍ଷା ମନ୍ଦ ଚଳ ।

ମହମ୍ମଦ ଏହା ମଧ୍ୟ କହିଛନ୍ତି—ଏପରି ଏକ ସମୟ ଆସିବ ଯେତେବେଳେ ଇସଲାମ ବୋଲି ସତରେ କିଛି ରହିବ ନାହିଁ—କେବଳ ନାମତଃ ରହିବ । କୁରାନ ବୋଲି କିଛି ରହିବ ନାହିଁ—କେବଳ ତାର ବାହ୍ୟ ଆଡମ୍ବରଟା ରହିବ । ତାର ପଣ୍ଡିତମାନେ ମୂର୍ଖ ଭଳିଆ ଆଚରଣ କରିବେ ଏବଂ ସେମାନେ ସମସ୍ତଙ୍କଠାରୁ ଖରାପ ଲୋକ ହେବେ । ମୁଁ ଏହିସବୁ କଥା ଗୋଟିଏ ଇଂରାଜୀ ବହି (Sayings of Muhammad)ରୁ ଦେଖି ଦେଖି ଲେଖୁଅଛି ।

ଇଂରାଜୀଟା ପୂରା ଏଠାରେ ଦେଇ ଦଉଁ । (ପୃଷ୍ଠା ୬୦୯ ! ଲେଖକ ମିର୍ଜା ଅବୁଲ ଫଜଲ) ।

"A time will come over men when nothing will remain of Islam except its name, nor anything of the Quran except its formalities, their places of worship will be well preserved and in use, while they will

Digitized by PPRACHIN, SOA

(really) be ruined because of their guidance, their learned men will be the worst of [all] who are under the hearms, from these will come forth mischief making, and in them will it settle."

Aviy, B. A.

ଯେ ଦେଖାଇ ହେବା ପାଇଁ ପ୍ରାର୍ଥନା କରେ, ସେ ଅନ୍ୟ ଦେବତା ସହିତ ସାମିଲ ହୁଏ । ଯେ ଦେଖାଇ ହେବା ପାଇଁ ଉପାସ କରେ, ସେ ଅନ୍ୟ ଦେବତା ସହିତ ସାମିଲ ହୁଏ, ଯେ ଦେଖାଇ ହେବା ପାଇଁ ଦାନ କରେ, ସେ ଅନ୍ୟ ଦେବତା ସହିତରେ ସାମିଲ୍ ହୁଏ । ଭଗବାନ୍ ଠାରୁ ସେ ବହୁ ଦୂରରେ

ମୁସଲମାନ ଧର୍ମାବଲମ୍ବୀ ୨୫କୋଟି ପୃଥିବୀରେ ।

ମହମ୍ମଦ ଜ୍ଞାନକୁ ବଡ଼ ପ୍ରଧାନ ସ୍ଥାନ ଦେଇଛନ୍ତି। ସେ କହିଛନ୍ତି, ଯେଉଁଠାରେ ଜ୍ଞାନ ଅଛି ଚୀନରେ ହେଉ ବା ଅନ୍ୟତ୍ର ହେଉ, ତାହା ଆହରଣ କର ।

ଜ୍ଞାନ ଲାଭ କର ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ । ଗୋଟିଏ ଜ୍ଞାନର କଥା ଶତ ପ୍ରାର୍ଥନା ଠାରୁ ଶ୍ରେୟସ୍କର । ସାଧୁ ଲୋକଙ୍କର କାଳି ଦେଶର ଶହୀଦର ଲହୁ ଠାରୁ ଅଧିକ ମୂଲ୍ୟବାନ ।

ବୀଣା ! ତୁମେ ଘର କୋଣରେ ରହି ଯେଉଁ ଜନ ସେବା କରୁଛ, ତାହା ବୃହତ୍ତର ଜନ ସେବା । ମୁଁ କେବଳ ବାହାରେ ବାହାସ୍ଫୋଟରେ ମାତୁଛି—ଲୋକେ କାହାକୁ ବଡ଼ କହୁଛନ୍ତି ନା ଯେ ରାଜନୀତିରେ ମାତୁଛି ଆଉ ଖବର କାଗଜରେ ଯାହାର ନାମ ନିତ ଛପା ହେଉଛି । କିନ୍ତୁ ବୀଣା, ଶାନ୍ତି ନାହିଁ ସେଠାରେ, ମୁକ୍ତି ନାହିଁ ସେଠାରେ । ସେଠାରେ ଅହମିକା ଅଛି, ତା'ର ତାଣ୍ଡବ

Digitized by PPRACHIN, SOA

ନୃତ୍ୟ ଅଛି, ତାର ବିଷୋଦ୍‌ଗାର ଅଛି । କିନ୍ତୁ ଭାରତ ଏସବୁ ଅନେକ ଦେଖି ସାରିଛି—ସେଥିପାଇଁ ସେ ଏସବୁ ଅସ୍ଫାଳନ ପସନ୍ଦ କରେ ନାହିଁ । ଭାରତର ମୁକ୍ତି ରାଜନୀତିରେ ନାହିଁ—ରାଜନୀତିର ବାହାରେ ଅଛି । ଭାରତର ମୁକ୍ତି ଶାନ୍ତି, ପ୍ରୀତି, ସେବା, ସ୍ୱଧର୍ମରେ ଅଛି । ଭାରତର ମୁକ୍ତି ବର୍ତ୍ତମାନ ଯେଉଁ ଜାତି ବଡ଼ ବୋଲାଉଛନ୍ତି ତାଙ୍କର ଭଳି ହେବାରେ ନାହିଁ, ଭାରତର ମୁକ୍ତି ତା ନିଜକୁ ଚିହ୍ନିବାରେ ଅଛି । ଭାରତ ଜଗତକୁ ବଡ଼ ଆଦର୍ଶ ଦେଖାଇବ ଏବଂ ଅହଙ୍କାରରେ ନୁହେଁ । ଭାରତ ତାର ସ୍ୱଧର୍ମ ପାଳନ କରିବ ଏବଂ ସ୍ୱଧର୍ମ ପଥରେ ପ୍ରତିଷ୍ଠିତ ରହିବ ଏହା ଗୌରବରେ ।

ବାପୁ, ତୁମେ ଜଗତକୁ ଯାହା ଦେଖାଇଛ, ତାହା ଦେଖାଇବା ଉଦ୍ଦେଶ୍ୟରେ ନୁହେଁ । ତୁମର ସେବା ଶୁଶ୍ରୂଷା ତାହା ଦେଖାଇଛି । ଆମେ ସାଧାରଣତଃ—ହାମ୍‌ବଡ଼ା ମାନେ—ଦେଖାଇବା ପାଇଁ ଦେଖାଉ—ଆମର ପାଣ୍ଡିତ୍ୟର ବଡ଼େଇ—ଟିକିଏ ଥିଲେ ଏତେ, କମ୍ ଥିଲେ କମ୍ ପରି ଦେଖାଇବା ପାଇଁ ଚେଷ୍ଟା କରୁ । କ୍ଷୁଦ୍ର ମନୁଷ୍ୟ ଆମେ । ତୁମେ ଆଜ ତୁମ ପରି ଗୃହର ନାରୀମାନେ ଆମ ପରି ଫମ୍ପା ନୁହନ୍ତି । ଆମେ ଦଶଜଣ ପଢ଼ିଥିଲେ, ତୁମେ ବୋଷେଇ କରି ଖୁଆଇ ପାରିବ ଅଧ ଘଣ୍ଟାରେ । ଆଜ ଆମ ନିକଟରେ ତୁମେ ଦଶଜଣ ପଢ଼ିଥିଲେ ଆମେ ମଲୁ—ଚୁଲ୍ଲୀ ମୁହଁ ଜାଳି ପାରିବୁ ନାହିଁ, ଖୁଆଇବୁ ବା କଣ ? ଏହା ଆମର ବଡ଼ୀ କରାମତ !

ଆଜ ପାଶ୍ଚାତ୍ୟର ଅନୁକରଣରେ ଆମେ ହୁ ହୁ କରି ବଡ଼ ବଡ଼ କାରଖାନା, ଶିଳ୍ପ, ବିଦ୍ୟୁତ୍ କରିବାକୁ ଯାଉଛୁ—ବଡ଼ ବଡ଼ ସହର ତିଆରି କରୁଛୁ—ଫଳ ହେଉଛି ଆମର ଚରିତ୍ର ହୀନତା । ରୋଗ, ଅଶାନ୍ତି, କଳି କଳହ—ଆଜ ନୁହେଁ କଣ ? ରେଳଗାଡ଼ିର

Digitized by PPRACHIN, SOA

ଭିଡ଼, ରେଲ୍‌ଗାଡ଼ିରେ ଚୈତ୍ୟ ଜୁଆରେଚୈତ୍ୟ, ପ୍ରତି ଷ୍ଟେସନରେ ଧକାଧକା, ଚୈତ୍ୟ, ନାସ୍ତି, ଜୁଆରେଚୈତ୍ୟ, ଏହିସବୁ ପାଇଁ ଅନ୍ତୁତ ଲାଞ୍ଛିତ ହେଉଛୁ।

କି ଅଧର୍ମ ହୋଇଛି। କି ଧର୍ମ ଛାଡ଼ିଛୁ ଆମକୁ—କୁହା ନଯାଏ। ପୁଣି ଜଣେ ଚିତ୍କାର କରୁଛି—ଚିତ୍କାର କରୁଛି—ବାରବାର ଚୀତ୍କାର ଚିତ୍କାର କରୁଛି—ବାଟ ଭୁଲିଛ—ଫେର, ଫେର। କିନ୍ତୁ କିଏ ଶୁଣୁଛି—କିଏ ଫେରୁଛି? ଚୈତ୍ୟ, ମେଘ, ଫେର୍—ଏସବୁ ଆଜି ଆମକୁ ପାଗଳ କରିଛି। ପୂସ କରି ମଠରରେ ଯିବୁ—ତରଖାରେ ହତ୍ୟା କାଟିବୁ! ଥାଉ—ଛାଡ଼! ଛାଡ଼ ସେ କଥା।

ମହମ୍ମଦ ଥରେ କହିଥିଲେ—ଯେତେବେଳେ କୋରେଇଶମାନେ ମୁସଲମାନମାନଙ୍କ ଉପରେ ଭୟଙ୍କର ଅତ୍ୟାଚାର ଆରମ୍ଭ କଲେ—

ଦେଖ, ଯେତିକି ଅନ୍ୟାୟ ସେମାନେ କରିଛନ୍ତି, ସେତିକିର ପ୍ରତିଶୋଧ ନିଅ—ତାର ବେଶୀ ନା। କିନ୍ତୁ ଏକଥା କହିବି, ଯଦି ସହିଯାଇ ପାର, ତାହାହେଲେ ବୀର ହେବ—ଅନ୍ତୁତ ବୀର ହେବ।

ଥରେ ମହମ୍ମଦଙ୍କୁ ପଚାରିଲେ—ଇସଲାମ୍ କଣ? ସେ କହିଲେ, "ଜାକୃତି ଓ ଅତିଥି ପରିଚର୍ଯ୍ୟା।" ବିଶ୍ୱାସ କଣ? ସେ କହିଲେ, "ଧୈର୍ଯ୍ୟ ଓ ପରୋପକାର।"

ଏହି ସବୁରୁ ମୁସଲମାନ ଧର୍ମ, ମହମ୍ମଦ କଣ, କିପରି ବୁଝି ହେବ। ଆଜି କପରି ଏହା ଅଚରିତ ହେଉଛି ତାହାକୁ ଧରି ମହମ୍ମଦ ଓ ମୁସଲମାନ ଧର୍ମ (ଇସଲାମ୍)କୁ 'ବିଚାର' କରିବା ଠିକ୍ ହେବ ନାହିଁ।

Digitized by PPRACHIN, SOA

ବାପା ! ଏତିକି କଥା ପରେ ମୁଁ ଯଦି କହେ, ମୁଁ ମହମ୍ମଦୀୟ, ତୁମ ମନରେ ଦୁଃଖ ହେବ କାହିଁକି ? ମୁଁ କି ଅନ୍ୟାୟ ଅବା କରିବାକୁ ଯାଉଛି ? ମୁଁ ଯେ ପୁଣ୍ୟର ମାର୍ଗରେ ବିଚରଣ କରିବା ପାଇଁ ମହମ୍ମଦଙ୍କୁ ଖୋଜୁଛି ।

ମହମ୍ମଦ ତ ମଦ ଖାଇବାକୁ ମହା ପାପ ବୋଲି କହିଛନ୍ତି—ହାରାମ ବୋଲି କହିଛନ୍ତି । ଏତେ ଖାଣ୍ଟିଆ କଥା କିଏ କହିଛି କୁହ ?

ହଉ—ଆମ ହିନ୍ଦୁ ଧର୍ମ ଧରିଯାଉ । ଗୀତାର କଥା ଦେଖ । ମୁଁ ଗୋଟା ଗୋଟି ଏଠୁ ସେଠୁ ଦି ଚାରି କଥା କହିବି । ଗୀତା, ଶ୍ରୀକୃଷ୍ଣଙ୍କର ବାଣୀ ଅର୍ଜୁନଙ୍କୁ, କିନ୍ତୁ ଏହାର ଦ୍ୱାରା ସମଗ୍ର ମାନବକୁ ଧର୍ମତତ୍ତ୍ୱ ଶିଖାଉଛନ୍ତି । ଗୀତାରେ ବଡ଼ କଥା ହେଉଛି ଭଗବତ୍ ଦର୍ଶନ । ମହମ୍ମଦ ଭଗବାନଙ୍କୁ ଦେଖିବା ପାଇଁ ପାଗଳ ହୋଇଥିଲେ । ସେହି ଦର୍ଶନ—ବିଶ୍ୱରୂପ ଦର୍ଶନ ଅର୍ଜୁନ କଲେ—କାହା ଦ୍ୱାରା ? ଭଗବାନଙ୍କ ଆଶୀର୍ବାଦ ଦ୍ୱାରା । ନିଜର ବାହାଦୁରି ଛାଡ଼ିବାକୁ ହେବ । ଈଶ୍ୱରେଚ୍ଛା ବୁଝିବାକୁ ହେବ, ପାଳିବାକୁ ହେବ—ଏହାହିଁ ଗୀତାର ମର୍ମ କଥା ।

ଜ୍ଞାନ, କର୍ମ, ଭକ୍ତି, ତ୍ୟାଗ, ଧ୍ୟାନ, ଏହିସବୁ ଦ୍ୱାରା ଭଗବାନଙ୍କୁ ଦର୍ଶନ କରାଯାଏ । ଅତଏବ ଏହିସବୁ ସାଧନା ଦ୍ୱାରା ନିସ୍ତ୍ରୈଗୁଣ୍ୟ ହୁଅ—ଏହାହିଁ ଗୀତାର ମରମ କଥା । ମୋକ୍ଷ ଏହି ନିସ୍ତ୍ରୈଗୁଣରେ । ଆତ୍ମାର ଆନନ୍ଦ ପର୍ଯ୍ୟବେକ୍ଷଣରେ ଏହି ଚର୍ମ ଶରୀରର ଉପଭୋଗରେ ନୁହେଁ—ଏହାର ବାହାରେ ।

ଏସବୁ ତ ଭଲ କଥା । ମନ୍ଦ କେଉଁଠି ? ଆଗ୍ରହୀ ମାନଙ୍କର କଥା । ସ୍ୱାର୍ଥାନ୍ୱେଷୀ ମାନଙ୍କର କଥା ତ ଗମ୍ଭୀର, ଦୃଢ଼, ସୁନ୍ଦର—ମନ୍ଦ ନୁହେଁ ।

Digitized by PPRACHIN, SOA

ବୀଣା, ତୁମେ ତ ଦେଖୁଛ ଦୁନିଆରେ କେତେ ହଣା କଟା ଲାଗିଛି । ସାମ୍ରାଜ୍ୟ ପାଇଁ କେତେ ହଣା କଟା । ପୁଣି ଦୁର୍ବଳ ଉପରେ ଅତ୍ୟାଚାର ସବୁବେଳେ । ଆଜି ଯେଉଁମାନେ ଜଙ୍ଗଲି ହୋଇ ରହିଛନ୍ତି, ସେମାନଙ୍କର ଅପରାଧ କଣ ? ସେମାନଙ୍କ ଉପରେ ଏତେ ଜୁଲମ କାହିଁକି ? ସେମାନଙ୍କ ଉପରେ ଏତେ ଅତ୍ୟାଚାର କାହିଁକି ? ସେମାନେ କାହିଁକି ଏତେ ଦୁଃଖରେ ରହିବେ ? ସେମାନେ କଣ ମଣିଷ ନୁହଁନ୍ତି ? ସେମାନଙ୍କର କଣ ରକ୍ତ ମାଂସ ନାହିଁ ? ସେମାନଙ୍କୁ କଣ ଭୋକ ଶୋଷ ହୁଏ ନାହିଁ ? ତାଙ୍କଠାରୁ ଆମେ ନାନା କୌଶଳ କରି ତାଙ୍କ ଖାଦ୍ୟ ଛଡାଇ ଅଣୁଛୁ କାହିଁକି ? ତାଙ୍କୁ ନଦୁଆ କରି-ବାର ଏତେ ଚେଷ୍ଟା କରୁଛୁ କାହିଁକି ? ପୁଣି ସେମାନେ ଠିକଏ ଆମ କଥା ନଶୁଣିଲେ ଆମେ ତାଙ୍କୁ ଏତେ ଗୁଳି କରି ମାରି ପକାଉ କାହିଁକି ?

ଦୁନିଆରେ ଆଜି ଅଧିବାସୀ ଉପରେ ସମୁଦ୍ରସ୍ଥ ନାନା ଦ୍ୱୀପ ପୁଞ୍ଜରେ ଯେଉଁସବୁ ଅତ୍ୟାଚାର ହୋଇଛି, ଅଫ୍ରିକାରେ ବଙ୍ଗ ଦେଶରେ ଯେଉଁସବୁ ଅତ୍ୟାଚାର ହୋଇଛି—ସେମାନଙ୍କର ହାତ ଗୋଡ କଟା ହୋଇଛି—ଆମର ଦେଶରେ କନ୍ଧ ମାନଙ୍କୁ ନରବଳି ବନ୍ଦ କରିବା ଅଭିଯାନରେ ଯେଉଁ ଅତ୍ୟାଚାର କରା ହୋଇଅଛି, ସେସବୁ ଗୋଟି ଗୋଟି କରି ବର୍ଣ୍ଣନା କରି ହେବ କି ? ସେସବୁ ଅତି ଲୋମହର୍ଷକାରୀ କଳଙ୍କପୂର୍ଣ୍ଣ ଘଟନା । ଆଦିବାସୀ ! ଆଦିବାସୀ-ଙ୍କର କଣ ସୁଖ କାମନା ନାହିଁ ? ସେମାନଙ୍କର କଣ ଆନନ୍ଦ କରିବାର ଅଧିକାର ନାହିଁ ? ସେମାନେ କଣ ସଂସାରରେ ରହିବେ ନାହିଁ ? ଅଥଚ ସେମାନଙ୍କୁ ଗୋଟି ଗୋଟି କରି ଯେତେ ପାରନ୍ତି,

Digitized by PPRACHIN, SOA

ପୃଥିବୀର ଅନେକ ଜାଗାରେ ମରି ହୋଇଛି—କାରଣ ତଥାକଥିତ ସଭ୍ୟ ଜାତିମାନେ ସେଠାରେ ରାଜତ୍ୱ କରିବେ ।

ହାୟ ! ହାୟରେ ଏସବୁ ଡଲଙ୍କ କଥା, ବିଷାଦମୟୀ କାହାଣୀ । ସେମାନଙ୍କ ଉପରେ ଏତେ ଅତ୍ୟାଚାର ହୋଇଛି ଯେ, ଯେଉଁ ଜନ୍ତ ବୀର ସାହସିକ ଥିଲେ, ସେମାନେ ଆଜି ଏକାବେଳକେ ଭିରୁଆ ହୋଇ ଯାଇଛନ୍ତି, କାହାରି ନିକଟରେ ଆପତ୍ତି କରିବାକୁ ସାହସ କରନ୍ତି ନାହିଁ । ସେମାନେ ମୂକ, ନିର୍ବାକ ହୋଇ ଯାଇଛନ୍ତି । ଯଦି କେତେବେଳେ ବଣୁଆ ମାନେ ଜାଗ୍ରତ ହେଲେ, ଉଠିଲେ, ତାଙ୍କ ଉପରେ ସୈନ୍ୟ ଚାଳନା କରି ସେମାନଙ୍କୁ ଏକାବେଳକେ ବିଧ୍ୱସ୍ତ କରି ହୋଇଛି । କାହିଁକି ? ସେମାନଙ୍କର ଅପରାଧ ? ସେମାନେ ମନିଷ ନୁହନ୍ତି ପରି ? ତୁମ ପରି ସେମାନେ ସୁଖରେ ରହିବାର ଅଧିକାରୀ ନୁହନ୍ତି ପରି ? କି ଖରା, କି ବର୍ଷା, ନିର୍ଦ୍ଧୁମ ଗିରିରେ, ନିର୍ଦ୍ଧୁମ ବଣରେ ତାଙ୍କୁ ଘରୁ ଓଟାରି ଆଣି, ତାଙ୍କ ବାଲିରୁ ଟାଣି ଆଣି ସରକାରୀ କର୍ମଚାରୀ, ସାମାନ୍ୟ ପୋଲିସ ସେମାନଙ୍କ ଉପରେ ବୋଝ ଲଦେଇ ଦିଅନ୍ତି ଏବଂ ତାଙ୍କୁ ଚଳାନ୍ତି, ଚାଲ । ସେମାନେ ଚାଲନ୍ତି । ଏହାହିଁ ହେଲା ନ୍ୟାୟ । ତାଙ୍କ ସ୍ତ୍ରୀକୁ ବେଇଜ୍ଜତ କରି—ତାଙ୍କର ଚରିତ୍ର ନଷ୍ଟ କରି—ତାଙ୍କୁ ସର୍ବନାଶ କରି ଆମେ ହାକିମାତି କରୁ । ଆମେ ସଭ୍ୟ ।

ଆଦିବାସୀ କଣ ମନୁଷ୍ୟ ନୁହେଁ ? ଆଦିବାସୀର ଜମି ତୁମେ ନାନା କୌଶଳରେ ଛଡ଼ାଇ ନେଇ ତୁମେ ହେଲ ବଡ଼ ଲୋକ— ଆଉ ସେ ହେଲେ ଅଳଜୁଆ, ମୂର୍ଖ, ଅପରିଷ୍କୃତ, କଦର୍ଯ୍ୟ, ବର୍ବର ଅସଭ୍ୟ । ବାହାରେ ସଭ୍ୟ ମାନବ ତୁମେ । ଚୋରର ସର୍ଦ୍ଦାର— କଥାରିଗୁଣରେ ଯାହାର ଜୀବନ ଭରି, ସେ ଅପରକୁ ଯେ ଚୋରି କୁଆଚୋରି ଜାଣେ ନାହିଁ, ତାକୁ କହୁଛି ଚୋର ।

Digitized by PPRACHIN, SOA

ଆଜି ଓଡ଼ିଆ ଜାତି ଉପରେ ମଧ୍ୟ ଅନ୍ୟ ଜାତିର ଆକ୍ରୋଶ, ଅତ୍ୟାଚାର ସେହିପର । ଆଜ ତାହାର ପ୍ରତିବାଦ କରେ, ପ୍ରତିରୋଧ କଲେ, ଆମେ ହେଲୁ ପ୍ରାଦେଶିକ ଭାବାପନ୍ନ । ଆଉ ସେମାନେ ହେଲେ ବିଶ୍ୱଭାବ ପୂର୍ଣ୍ଣ—ହାୟ ! ନ୍ୟାୟରେ ।

ଇତିହାସରେ ଏପରି ପାପ ନାହିଁ, ଏପରି ଅନ୍ୟାୟ ନାହିଁ ଯାହାକି ଆଦିବାସୀଙ୍କ ଉପରେ କରି ହୋଇନାହିଁ । ବିଶେଷତଃ ଶ୍ୱେତ ଦ୍ୱୀପ ବାସୀମାନେ ଜଗତରେ ଆଦିବାସୀମାନଙ୍କ ଉପରେ ମହା ଅତ୍ୟାଚାର କରି ଯାଇଛନ୍ତି । ସେମାନଙ୍କୁ ନିର୍ମୂଳ କରିବା ପାଇଁ କଣ ନ କରିଛନ୍ତି ।

ଆଜି ଭାରତ ତାର ଆଦିବାସୀଙ୍କୁ ନିର୍ମୂଳ କରିବାକୁ ଚାହେଁ ନାହିଁ । ସେମାନଙ୍କୁ ଶିକ୍ଷିତ କରିବାକୁ ଚାହେଁ । ସେମାନଙ୍କର ମନୋଭାବ ବୁଝି ସେମାନଙ୍କର ସେବା କରିବାକୁ ଚାହେଁ, ସେମାନଙ୍କର ମଙ୍ଗଳ କରିବାକୁ ଚାହେଁ ! ଭାରତ ରାଷ୍ଟ୍ରର ଏହି ଉଦ୍ଦେଶ୍ୟ । ସେମାନଙ୍କୁ ହଠାତ୍ ଜୋର ଜବରଦସ୍ତି ନୂତନ ଆଦର୍ଶରେ ଟାଣିବା ଉଚିତ ନୁହେଁ । ଧୀରେ ସୁସ୍ଥେ, ବୁଝାଇ ସୁଝାଇ ସେମାନଙ୍କୁ ଆପଣାର କରିବାକୁ ହେବ—ନୂତନ ଆଲୋକ ଦେଖାଇବାକୁ ହେବ—ନୂତନ ପଥର ପଥିକ କରାଇବାକୁ ହେବ ।

ବିଦେଶୀୟମାନେ ଆଦିବାସୀମାନଙ୍କ ରାଜ୍ୟକୁ ଯାଇ ଅନୀତି ଦୁର୍ନୀତି ବଢ଼ାଇ ଦେଇଛନ୍ତି, ଧାତୁ ରୋଗ ବଢ଼ାଇ ଦେଇଛନ୍ତି । ସେମାନଙ୍କୁ ମେହ, ପ୍ରମେହ, ଉପଦଂଶରେ ସଢ଼ାଇ ଦେଇଛନ୍ତି ।

ଆଜି ଆଦିବାସୀର ଯେତିକି ତେଜ ଅଛି, ଯେତିକି ନିର୍ଭୀକତା ଅଛି, ଯେତିକି ସତ୍ୟ ଅଛି—ତାକୁ ଯେପରି ଆମେ ଆମର ଚତୁର ପଣିଆ ଦ୍ୱାରା ଅପଭ୍ରଷ୍ଟ ନ କରୁ ।

Digitized by PPRACHIN, SOA

ଯାହାହେଉ, ଏଣିକି ସଂସାର ମିଶାମିଶି ହୋଇ ଚାଲିବ । ସେଥିରେ ଆଦିବାସୀ, ଖ୍ରୀଷ୍ଟିଆନ, ହିନ୍ଦୁ, ମୁସଲମାନ ସମସ୍ତେ ମିଳିବେ—ବିବାହ କରିବେ ପରସ୍ପର ଭିତରେ । ସେତେବେଳେ ଧର୍ମ ଭିନ୍ନ ଆକାର ଧାରଣ କରିବ—ସେତେବେଳେ ହିନ୍ଦୁ ଧର୍ମ, ମୁସଲମାନ ଧର୍ମ, ଖ୍ରୀଷ୍ଟିଆନ ଧର୍ମ ବା ଆଦିବାସୀ ଧର୍ମ ନେଇ ଏତେ ହଣା କଟା ହେବ ନାହିଁ । ବାସ୍ତବରେ ଶିକ୍ଷା, ଧନ ଦାନ ଧର୍ମସଂସ୍ଥାରୁ ଶାସନ ସଂସ୍ଥାକୁ ସାଂସାରିକ ନୀତି ନୈମିତ୍ତିକ ସଂସ୍ଥାକୁ ଆସୁଛି ; ଏହା ହୋଇ ପାରିଲେ ସମଗ୍ର ସଂସାର ଗୋଟିଏ ବିଶାଳ ପରିବାରଭୁକ୍ତ ହୋଇଯିବ । ଏହା ଭଲହିଁ ହେବ । କିନ୍ତୁ ବୀଣା, ତୁମେ ହୁଏତ କହିବ—ଏତ ଭ୍ରଷ୍ଟାଚାରର କଥା, ଏତ ଅଧର୍ମ କଥା । ନା ବୀଣା, ତୁମେ ବୁଝ—ଏହାଦ୍ୱାରା ହାଣ କାଟ, ଧର୍ମ କମିବ—ଏହା ଦ୍ୱାରା ଭ୍ରାତୃତ୍ୱ, ପ୍ରେମ, ପରସ୍ପର ପ୍ରତି ଶ୍ରଦ୍ଧା ବଢିବ ।

ଆଜି ଆଦିବାସୀଙ୍କୁ ଆମ ସାଙ୍ଗରେ ମିଳାଇବାକୁ ହେବ, ହରିଜନଙ୍କୁ ଆମ ସଙ୍ଗରେ ମିଳାଇବାକୁ ହେବ, ମୁସଲମାନ; ଖ୍ରୀଷ୍ଟିଆନ ଓ ଅନ୍ୟାନ୍ୟଙ୍କ ମଧ୍ୟ ମିଳାଇବାକୁ ହେବ । ସେଥିରେ ଅଧର୍ମ ହେବ ନାହିଁ । ଅଧର୍ମ ହେବ ହେଉଛି ଅନ୍ୟାୟ-ବ୍ୟବହାରରେ ଅସତ୍ ଆଚରଣରେ ।

ଏସବୁ କଥା ଠିକ୍ କରିବା ବଡ କଠିନ—ମୁଁ ବୁଝୁଛି । ଅତଏବ ତୁମକୁ ମଧ୍ୟ ଠିକ୍ କରି ବୁଝାଇ ପାରୁନାହିଁ । ତଥାପି ମୋର ମନେ ହୁଏ, ଗୋଟିଏ ପରିବାରରେ ୧୦ଟା ଭାଇ ଭିତରେ ଯଦି ୧୦ଟା ବୋହୂ—ଗୋଟିଏ ଚୀନା, ଗୋଟିଏ ଜାପାନୀ, ଗୋଟିଏ ପାରସିକ, ଗୋଟିଏ ଇଟାଲୀୟ, ଗୋଟିଏ ଇଂଲଣ୍ଡୀୟ, ଗୋଟିଏ ତେଲୁଗୁ, ଗୋଟିଏ ଓଡ଼ିଆ ଏହିପରି ହୁଏ ଏବଂ ସମସ୍ତେ ଯଥେଷ୍ଟ

Digitized by PPRACHIN, SOA

ଶିକ୍ଷିତ ହୁଅନ୍ତି, ଯଦ୍ଦ୍ୱାରା ଏକ ସ୍ୱରରେ କଥାବାର୍ତ୍ତା କରି ପାରିବେ, ତାହାହେଲେ ଭଲ ହିଁ ହେବ, ଅପରନ୍ତୁ କନ୍ଦିବାର କିଛି ରହିବ ନାହିଁ । ହିଁ ତେବେ କେତେଗୁଡ଼ିଏ କଥାରେ ଅସୁବିଧା ହେବ—ମଦ, ମାଂସ, ମାଛ ଏହିପରି । ସେସବୁ କହେଲ ବାଦ୍ ଦେବା ।

ନିଜ ଭିତରେ ଗୋଟିଏ ବ୍ରହ୍ମମଣ୍ଡଳୀ ହୋଇ ସ୍ଥିର କରିବା, ଏହା କଣ ହୋଇ ପାରିବ ନାହିଁ ?

ପାରିବ, ମୋର ମନେ ହୁଏ । ତେବେ ସେ ସମୟ ଆସିବାକୁ ଅନେକ ଡେରି ଅଛି—ତୁମେ କହି ପାର । ମୁଁ ତାହା ମାନିବି ଯେ ହିଁ ଅନେକ ଡେରି ଅଛି, କିନ୍ତୁ ବସୁନ୍ଧୈବ କୁଟୁମ୍ବକଂ ତ ଏହାଥିରେ ହେବ । ଏହାତ ଆନନ୍ଦର କଥା ହେବ । ଶୁଭସ୍ୟ ଶୀଘ୍ରଂ କହିବି କି ? ତୁମେ କହିବ ନା, "ମୁଁ ଏହା ସହି ପାରିବି ନାହିଁ ।"

ଛି ! ଏପରି କହନ୍ତି କି ? ବେଙ୍ଗୁଲିଙ୍କୋ ବେଙ୍ଗୁଲି, ମନ୍ତ୍ରୀ କ୍ଷଣେ କ୍ଷଣକେ ଆନ—ଏକଥା କଣ ତୁମେ ଭୁଲି ଗଲ । ଏଠା ପରି ସଂସାର । ଏହାର ପରିବର୍ତ୍ତନ ଯେ ଅବଶ୍ୟମ୍ଭାବୀ । ଅତଏବ ଭୀତ ହୁଅ ନାହିଁ ବୀଣା । ତୁମେ ହିନା ଜୋତା ପିନ୍ଧ ନାହିଁ, କିନ୍ତୁ ଦେଖୁଛତ କେତେ ଝିଅ ତୁମ ଆଗରେ ଜୋତା ପିନ୍ଧି ଛତା ଧରିଲେଣି । ତୁମେତ ନିଜେ କେମିଜ ପିନ୍ଧିଲ—ଆଉ କାହିଁକି ଡରୁଛ କାହିଁକି ? ଏତ ବାହାରର କଥା । ତୁମେ ଧାର୍ମିକା ହୁଅ, ସତୀ ହୁଅ, ଏଥିରେ ତୁମକୁ ବାଧା ଦେଉ ନାହିଁ ତ କେହି । ତେବେ ତାହା ମଧ୍ୟ ବଦଳିବ—ଏଣିକି ଆଉ କେହି ସତୀ ହେଉ ନାହାନ୍ତି ପୂର୍ବ ଭାବରେ—ସ୍ୱାମୀ ମଲେ ନିଆଁରେ ପୋଡ଼ି ଏଣିକି କିଏ ସତୀ ହେଉଛନ୍ତି ? ଆଉ ମନତ । ତୁପାଡ଼ା ମନକୁ କେତେ ଜଗିବ ? ହେତ କେତେବେଳେ ନା

ଏକେଇବେଳେ ଏଆଡ଼େ ସେଆଡେ ଧାଇଁ ଯାଉଛି । ତଥାପି ଜଟିବାକୁ ହେବ—ସଂଯମ ବଡ଼ କଥା । ଚଞ୍ଚଳ ମନକୁ ନିଜର ଅଞ୍ଚଳରେ ବାନ୍ଧି ରଖିବାକୁ ହେବ । ନୋହିଲେ ଗୃହ ସଂସାର ଛାରଖାର ହୋଇଯିବ—ଯାଏ—ଯାଉଛି ।

ହଉ; ଅଧିକ କଣ କହିବି ? ତୁମେ ମୋର ସାକ୍ଷୀ, ମୋର ରକ୍ଷୀ, ମୋର ଦେବୀ । ମୁଁ ତୁମର ପୂଜକ, ମୁଁ ତୁମର ଚୁମ୍ବକ, ମୁଁ ତୁମର ଅସ୍ଥିର ସାଥୀ, ମୁଁ ତୁମର ଗ୍ରହ ଗ୍ରହରେ ଅଶାନ୍ତ ପ୍ରେମିକ । ତଥାପି ତୁମେ ଶାନ୍ତ କରୁଛ, ସୁଖ ଦେଉଛ, ସୁଧା ଦାନ କରୁଛ—ଶତ୍ରୁକୁ ବିଶ୍ୱେ ଅମୃତମୟ ପ୍ରବାହ ଡାକ ଶୁଣାଉଛ । ତୁମେ ଧନ୍ୟା, ମୁଁ ଧନ୍ୟ । ଅଜି ତୁମର ପାଇଁ ଏତେ ଲେଖା । ତୁମର ମୋର ସମ୍ବନ୍ଧରେ ଯୁଗ ଯୁଗର ସମ୍ବନ୍ଧ ; ଏ ଜନ୍ମର ନୁହେଁ, ଏ ଯେ ଜନ୍ମ ପାରି—ଆତ୍ମା ଆତ୍ମାର ବନ୍ଧନ, ବିବାହ, ସମ୍ପର୍କ, ଦେନା ଦେନି ।

ବୀଣା ! ପ୍ରେୟସୀ ! ଆଦର୍ଶ ବ୍ୟତିରେକେ ଆଶା କାହିଁ ? ଆଉ ଆଶା ନଥିଲେ ଆମ ଧର୍ମ କାହିଁ ? ମୋର ଆଦର୍ଶ ଏହି ଦେଶକୁ ଆମ କୁଡ଼ିଆ ଖଣ୍ଡିକୁ ଆଦର୍ଶମୟ କରିବା—ତୁମର ଆଦର୍ଶ ମଧ୍ୟ ସେଇୟା । ସେଥିପାଇଁ ତୁମେ ଯେତେବେଳେ ଭାବ ମୁଁ ଆଦର୍ଶରୁ ବିଚ୍ୟୁତ ହେଉଛି, ତୁମେ ମର୍ମାହତ ହୁଅ । ଅଉ ମୁଁ ଯେତେବେଳେ ଭାବେ ମୋର ଆଦର୍ଶ ଅନୁଯାୟୀ ତୁମେ ଆମ ସଂସାରଟି ଗଢୁନାହିଁ; ସେତେବେଳେ ମନରେ ଦୁଃଖ ଆସେ, ବିଷାଦ ଆସେ, ବିବାଦ ହୁଏ, ବିସମ୍ବାଦ ହୁଏ, ଘରର ସୁଖ ପରଶଟି ଚାଲିଯାଏ । ମୁଁ ବାଉଳା ହୋଇ ଏଣେ ତେଣେ ଧାଇଁ ବୁଲେ, ଅଉ ତୁମେ ଘରେ ବସି ବସି କାନ୍ଦ । ଏହି ଦୁଇ ଅବସ୍ଥା ସେହି ଆଦର୍ଶକୁ ରକ୍ଷା କରିବା ପାଇଁ ।

Digitized by PPRACHIN, SOA

ଯାହାହେଉ, ଆମେ ଆମ ଆଦର୍ଶ ରକ୍ଷା କରିବା ପାଇଁ ଦୁଃଖ ବ୍ୟଥା ବେଦନା ଅନୁଭବ କରୁ । ଏହାହିଁ ତ ତ୍ୟାଗ । ଏହିଠାରେ ତ ସାଧନାର ବୀଜ ରହିଛି । ଅଧିକ କ'ଣ କହିବି ?

ବୀଣା ! ତୁମେ ବିଦେଶରେ ମୋର ଅନ୍ତରରେ ଆପେ ବାଜି ଉଠ—ଝଙ୍କାର ଦିଅ—ପୁଣି ମୂର୍ଚ୍ଛନା ଦେଇ ହେଇ ଚାଲିଯାଅ । ତୁମକୁ ସବୁବେଳେ ଭାବିବି, ଯେତେବେଳେ ଅବସର ପାଇବି । ସବୁବେଳେ ଜପିବି, ଯେତେବେଳେ କ୍ଷତ ବିକ୍ଷତ ହୋଇ ଘର କୋଣରେ ଏକାକୀ ହୋଇ ପଡି ରହିଥିବି ।

ସ୍ନେହର ବୀଣା, ଏଥର (-୯୪୭ ଡିସେମ୍ବର) କାଶୀରେ ସର୍ବ ଭାରତୀୟ ଦର୍ଶନ ସମ୍ମିଳନୀ ଦେଖିଲି । ଦେଖିଲି, କିନ୍ତୁ ଭାବୁଥାଏ ସବୁ ଦର୍ଶନ ଠାରୁ ବଡ଼ ଦର୍ଶନ ତୁମେ । ତୁମକୁ ଭାବିଲେ ଯେତେ ଭାବନା ଆସେ—ଯେତେ ଭାବନା ଘନାଏ—ସେ ତ କିଛି କମ୍ ନୁହେ ।

ତୁମେ ନାରୀ । ନାରୀ ଭାବରେ ମୋହିନୀ, ପୁଣି ତୁମେ ପ୍ରକୃତରେ ସୁନ୍ଦରୀ, ମୋହିନୀ, ଚାରୁ ହାସିନୀ; ଚାରୁ ଭାଷିଣୀ—ତେବେ ମଧ୍ୟ ମଧ୍ୟରେ ଖେଳ ପଡ଼ିଲେ ତୁମେ ଉତ୍ପୀଡ଼ଣ ଚମ୍ପା, ଏକଥା ମଧ୍ୟ ସତ । ସେଥିପାଇଁ କହୁଥିଲି ତୁମକୁ ଭାବିଲେ—ତୁମକୁ ଦେଖିଲେ ଅସୀମ ଦର୍ଶନର ଭାବ ଆସେ । ତୁମେ ନାରୀ—ମୋର ପ୍ରେମ ଶଯ୍ୟାରେ ଉଲଙ୍ଗିନୀ, ପୁଣି ସମାଜରେ ସଲଜ୍ଜା, ସାଭରଣା, ସାବରଣା ।

ତୁମେତ ପିଶାଚୀ ନୁହଁ—ତୁମେତ ଦାନବୀ ନୁହଁ—ତୁମେ ମାନବୀ—ଦିବ୍ୟ ମାନବୀ—ଅତଏବ ଦେବୀ, ସୁନ୍ଦରୀ । ତୁମକୁ ପୂଜା କରିବାର ଇଚ୍ଛା ହୁଏ । ତୁମକୁ ଚରଣରୁ ଚକ୍ଷୁର ଯାଏ ଚୁମ୍ବିବାର

Digitized by PPRACHIN, SOA

ଇଚ୍ଛା ଯେପରି ହୁଏ, ତୁମକୁ ହୃଦରେ ଥିଲାବେଳେ ପୂଜା କରିବାର ଇଚ୍ଛା ହୁଏ—ଅନ୍ତରରେ ପୂଜା କରେ ।

ତୁମେ ଓ ମୁଁ, ରମା ଓ ଉମାଧବ ପରି । ଏହା କେତେ ଆନନ୍ଦ ଦିଏ ।

ତୁମେ କଣ ବାସ୍ତବ ? ଦାର୍ଶନିକ କହିବ ହୁଏତ ତୁମେ ବାସ୍ତବ ନୁହଁ, କିନ୍ତୁ ଦଳେ ଦାର୍ଶନିକ ଅଛନ୍ତି—ଯେଉଁମାନେ କହନ୍ତି ସବୁ ବାସ୍ତବ—କନ୍ୟା, ଜାୟା, ପିତା, ପୁତ୍ର, ସବୁ ବାସ୍ତବ ।

ଆଉ ଦଳେ ଅଛନ୍ତି, ସେମାନେ କହନ୍ତି—ଏସବୁ ମିଥ୍ୟା, ମାୟା, ସ୍ୱପ୍ନ, କିନ୍ତୁ ଯେତେ ମିଛ ହେଲେବି କେତେ ସୁନ୍ଦର, କେତେ ଆନନ୍ଦ ଦାୟକ ।

ପୁଣି ଏକଥା ସତ୍ୟ ଏହିମାନଙ୍କ ଯୋଗୁ ଆମ ଦୁଃଖ ମଧ୍ୟ ବେଶୀ

ଆଜି ଜଗତରେ ଯେଉଁ ହଣାକଟା ମାରପିଟ ଚାଲିଛି—ତାହାର ମୂଳରେ ଆମର ସମାଜର ବିଧି ବ୍ୟବସ୍ଥା, ପିଲାଙ୍କର ଶିକ୍ଷା, ଆମର ବାପ ମାଙ୍କର ଆଚରଣ, ଆମର ପୂର୍ବଜଙ୍କର ବିଧି ବିଧାନ, ଏସବୁ ମିଳିତ ଜଡିତ ଅଛି । ଅତଏବ ଏସବୁ ଆଲୋଚନା କରିବାକୁ ହେବ । ଆମର ଜୀବନ—ଆମର ପିଲାଙ୍କର ଜୀବନ ଗଢିବାକୁ ହେବ ସେହି ଆଲୋଚନା ଧରି । ଯେପରି ସୁନ୍ଦର ହୁଏ, ସଂସାରରେ ଗୋଳମାଳ ନହୁଏ, ବିଦ୍ୱେଷ ନ ବଢି ବରଂ ବିଦ୍ୱେଷ ଯେପରି ମରିଯାଏ ସେପରି ।

ଦର୍ଶନର ପ୍ରଧାନ କଥା ହେଉଛି, ସତ୍ୟକୁ ଅନୁସନ୍ଧାନ କରିବା । ଏଥିରେ ଆମେ ଯାହା ଦେଖୁଛୁ ତାକୁ ଦେଖି ସତ୍ୟର

Digitized by PPRACHIN, SOA

ଅବିଷ୍କାର ଗୋଟିଏ ପନ୍ଥା । ତାଙ୍କୁ ପାଇ ହେଲେ ଅଦର୍ଶକୁ ଧରି ସତ୍ୟର ଅବିଷ୍କାର । ସେ ହୋଇ ସାରିଲେ ଆହୁରି ଭିତରକୁ ଯିବାକୁ ହେବ । ସେ ହେଉଛି ଗଭୀର ରହସ୍ୟ—ସେ ରହସ୍ୟର କଥା ହେଉଛି ସାକ୍ଷାତ୍ ଭଗବତ୍ ଦର୍ଶନ ।

ବୀଣା, ତୁମ ପକ୍ଷରେ ସାକ୍ଷାତ୍ ଭଗବଦ୍ଦର୍ଶନ ସହଜ ହୋଇଛି । ମୋ ପକ୍ଷରେ ବିଜ୍ଞାନର ସରଣୀ ଧରି ଧୀରେ ଧୀରେ ସତ୍ୟକୁ ଧରି-ବାକୁ ଚେଷ୍ଟା କରୁଛି ମାତ୍ର । ସେଥିପାଇଁ କହେ—ତୁମେ ଢେର ବଡ଼ ମୋଠାରୁ ।

ସ୍ଥାନ ଓ ସମୟ ଏହି ଦୁଇଟି ବସ୍ତୁତ ଅଛି କି ନାହିଁ, ଏ ବିଷୟରେ ଗଭୀର ମତଭେଦ ଅଛି । ବାସ୍ତବିକ୍ ଦିନ, ଘଣ୍ଟା, ଏଗୁଡ଼ା ତ ଆମ କୃତ୍ରିମ ବିଭାଗ ସୃଷ୍ଟି । ତା ନହେଲେ କାଳ ଅଖଣ୍ଡ, ଏକ ଏବଂ ସେ କୁଆଡେ ମିଳାଇ ଯାଏ ଆମ ଚିନ୍ତାରେ । ସେ ଆମ ଚିନ୍ତାକୁ ଯେପରି ଆବୋରି ପକାଏ—ପୁଣି କିଛି ଜଣାଯାଏ ନାହିଁ ।

ଆଉ ଥାନ । ଥାନତ ସବୁବେଳେ ଆପେକ୍ଷିକ । ଅତଏବ ଥାନ ମଧ୍ୟ ବାସ୍ତବ ପଦାର୍ଥ କି ନା, ସେ ବିଷୟ ନେଇ ଅନେକ ଆଲୋଚନା ରହିଛି—ଦର୍ଶନ ଶାସ୍ତ୍ରରେ, ଦାର୍ଶନିକ ମାନଙ୍କ ଭିତରେ ।

କାଳ ଓ ଥାନ ପ୍ରକୃତ ବସ୍ତୁ କି ନା, ସେ ବିଷୟରେ ମତ-ଦ୍ୱୈଧ ଅଛି ।

ସେହିପରି ବେଦାନ୍ତର ମାୟାବାଦ ଥୋକେ ମାନନ୍ତି—ଆଉ ଥୋକେ ମାନନ୍ତି ନାହିଁ ।

Digitized by PPRACHIN, SOA

କିନ୍ତୁ ବଗୁର ସରଣିକୁ ଧରି ଉପରକୁ ଧରି ଉପରକୁ ଉଠି ପ୍ରକୃତ ବା ସହଜ ଜାତ ଶକ୍ତିକୁ ଅତିକ୍ରମ କରି ମନୁଷ୍ୟ ଅଭ୍ରୁର ଉପରକୁ ଉଠି ପାରେ—ଉଠେ—ଉଠୁଛନ୍ତି ବୋଲି କେତେକ କହନ୍ତି । ସେ ହେଉଛି ସାଧନା ଦ୍ୱାରା ସାକ୍ଷାତ୍ ଦର୍ଶନ ।

ସେ ଯାହାହେଉ ଆମେ ଯାହା ଦେବୁ ବୋଲି କହୁ, ଜାଣୁ ବୋଲି କହୁ, ତାହା ଆମ ଠାରୁ ଅଭ୍ରୁର ଦୂରରେ—ଆମ ଇନ୍ଦ୍ରିୟର, ଆମ ଧାରଣାର ସେପାରିରେ ।

ସେଥିପାଇଁ ବୀଣା, ତୁମକୁ ମୁଁ ଯେତେ ଜାଣିଲେ ମଧ୍ୟ ଅସଲ ତୁମେ କିଏ ମୁଁ ଜାଣେ ନାହିଁ, ଜାଣି ପାରେ ନାହିଁ, ସେହିପରି ତୁମେ ମଧ୍ୟ ମୁଁ ଅସଲରେ କିଏ କେବେ ଜାଣି ପାରି ନାହିଁ । ତେବେ ତୁମକୁ ମୁଁ ଜାଣିବାର ଆଉ ମୋତେ ତୁମେ ଜାଣିବାର, ପୂର୍ଣ୍ଣ ଭାବରେ—ନିବିଡ଼ରୁ ନିବିଡ଼ରେ—ନିବିଡ଼ତରରୁ ନିବିଡ଼ତ ଭାବରେ ଜାଣିବାର ଆକାଂକ୍ଷା ଯୁଗ ଯୁଗ ଜନ୍ମ ଜନ୍ମ ବହିଥିବ । ସେହି ବାସନାଟିହିଁ ଆମକୁ ମରଣ ସେପାରିକୁ ନେଇ ଯାଇ ପୁଣି ସାଥୀ କରିଇ ପାରିବ ଏବଂ ସେହି ଲୁଚକାଳି ଖେଳଟାହିଁ ଆନନ୍ଦ ଦାୟକ, ଦୁଃଖଦାୟକ ମଧ୍ୟ, କିନ୍ତୁ ଆନନ୍ଦ ଆଉ ଦୁଃଖ ମଧ୍ୟ ଦେଇ ଆମକୁ ଅସୀମ ପଥରେ ଧାବମାନ ହେବାକୁ ହେବ । ଏହା ମଜାର କଥା ନୁହେଁ କି ? ଏହା ଆନନ୍ଦର କଥା—ଯେତେ ଦୁଃଖ ହେଉ ପଛେ । ଏହାହିଁ ରାଧାକୃଷ୍ଣ ଲୀଳା ।

ବୀଣା ! ତୁମେ ଯେତେବେଳେ ମିଳି ମିଳି ଯିବ—ଯେପରି ବାବା ମା ମିଳେଇ ଯାଉଛନ୍ତି । ତୁମେ ସେତେ ଦୂରେ ହେବ ହିନା, କିନ୍ତୁ ତୁମେ ଏକାବେଳକେ କେଉଁଆଡ଼େ ଚୁଲି ଯିବ ନାହିଁ—ତୁମେ

Digitized by PPRACHIN, SOA

ତଥାପି ରହିବ—ମୁଁ ବି ସେହିପରି ରହିବି । ଏ ଶରୀର ଅତ୍ମାର ଘନୀଭୂତ ରୂପ ଆଉ ଏ ଶରୀର ଯେତେବେଳେ ମିଳେଇ ମିଳେଇ ଯିବ, ସେତେବେଳେ ସେ ଅତ୍ମାର ସୂକ୍ଷ୍ମ ରୂପରେ ମିଶି ଯିବ । ରହସ୍ୟଟି ଏଇଆ । ଧୂଆଁ—ଆକାଶରେ ସମୁଦ୍ରର ଜଳକଣା ଧୂଆଁ ହୋଇ ବୁଲେ—ପୁଣି ଥଣ୍ଡା ପବନ ସଂସ୍ପର୍ଶରେ ଘନୀଭୂତ ହୁଏ, ପୁଣି ଜଳ ରୂପରେ ବର୍ଷେ । ପୁଣି ଜଳ ଅତି ଥଣ୍ଡା ହେଲେ ବରଫ ହୁଏ । ତାହା-ହେଲେ ବରଫ, ପୁଣି ସେହି ବରଫ ତରଳିଲେ ଜଳ, ପୁଣି ସେହି ଜଳ ବାଷ୍ପ ହୋଇ ଆକାଶକୁ ଉଠିଗଲେ ସେହି ଜଳ । ଅତଏବ ଶରୀର ଓ ଅତ୍ମା ମଧ୍ୟରେ ତଫାତ ସେପରି ନାହିଁ ବୋଲି ଆଜି କାଲିକାର ଅନେକ ଦାର୍ଶନିକ କହନ୍ତି । ଯେପରି ଯିଏ ପିତା, ସେହି ପୁତ୍ର—ଯେ ମାତା ସେହି କନ୍ୟା ବା ଯିଏ ମାତା ସେହି ପୁତ୍ର, ସେହିପରି । ପରିବର୍ତ୍ତନ ଅଛି ବାହାରର—ଭିତରର ପରିବର୍ତ୍ତନ ନାହିଁ—ତାହା ଅପରିବର୍ତ୍ତନୀୟ । ଅତଏବ ବୀଣା, ତୁମେ ଓ ମୁଁ ଅସଲରେ ଅପରି-ବର୍ତ୍ତନୀୟ । ଆଉ ତୁମ ପ୍ରତି ମୋ ପ୍ରେମ ସେହିପରି ଆଜି ଅପରିବର୍ତ୍ତ-ନୀୟ । ତୁମେ ସାଧ୍ୱୀ, ପତି ପ୍ରାଣା, କର୍ମିଷ୍ଠା, ଆଉ ଅଧିକ ତୁମକୁ କଣ କହିବି ? ତୁମକୁ କଣ କହିବି ବା ତୁମ ବିଷୟରେ କଣ ଲେଖୁଛି—ତାହା ତୁମକୁ ଜଣା ନାହିଁ ବା ଜାଣିଲେ ମଧ୍ୟ ତୁମର ସେଥିରେ ବିଶେଷ ଏପାରି ସେପାରି ନାହିଁ, ଏହା ମୁଁ ଜାଣେ, କିନ୍ତୁ ମୋ ମନ ପ୍ରବୋଧ କରାଇବ ତ ? ସେଥିପାଇଁ ଏତେ ଲେଖୁଛି ।

ବୀଣା ! ଗୀତା ବୋଲି ଭାରତ ବର୍ଷରେ—ଆମ ଦେଶ ଏଠା; ଗୋଟିଏ ବଡ଼ ପ୍ରସିଦ୍ଧ ଗ୍ରନ୍ଥ ଅଛି । ତାକୁ ଭାରତ ବାସୀମାନେ ଖୁବ୍ ମାନନ୍ତି । ଏହା! କୁରୁକ୍ଷେତ୍ର ଯୁଦ୍ଧ ବେଳେ ଠିକ୍ ଯୁଦ୍ଧ ପୂର୍ବରୁ ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନକୁ ବୁଝାଇଥିଲେ—ଅର୍ଜୁନ ଯେତେବେଳେ

Digitized by PPRACHIN, SOA

କୁରୁଙ୍କ ବିରୁଦ୍ଧରେ ଅସ୍ତ୍ର ଧାରଣ କରିବେ କି ପର ଏହି ସନ୍ଦେହରେ ପଡିଲେ । ଏଥିରେ ଶ୍ରୀକୃଷ୍ଣ ମନୁଷ୍ୟର ୪ଟି ସାଧନାର ମାର୍ଗ ବତାଇଛନ୍ତି । କର୍ମ, ଜ୍ଞାନ, ଭକ୍ତି ଆଉ ଧ୍ୟାନ । ଏହି ଚାରି ମାର୍ଗରେ ମନୁଷ୍ୟ ସବୁବେଳେ ଗତି କରି ଆସିଅଛି ଏବଂ ଗତି କରିବ ।

ଶଙ୍କରାଚାର୍ଯ୍ୟ ଏବଂ ସବୁ ଅଦ୍ୱୈତବାଦୀ ମାନେ କହନ୍ତି—ଆଉ ସବୁ ମିଛ, କେବଳ ଏକ ବ୍ରହ୍ମହିଁ ସତ୍ୟ । ଆମେ ସବୁ ମିଛ ।

ରାମାନୁଜ ବା ବିଶିଷ୍ଟାଦ୍ୱୈତବାଦୀମାନେ କହନ୍ତି—ନା ନା, ଆମେ ସବୁ ତାଙ୍କର ଠାରୁ ଆସିଛୁ, ତାଙ୍କର ଭିତରେ ଲୀନ ହେବୁ, ଅତଏବ ଆମେ ସବୁ ଜନ୍ମ ନୋହୁଁ । ବ୍ରହ୍ମ ସତ୍ୟ ତଥା ଆମେ ମଧ୍ୟ ସତ୍ୟ ।

ମାଧ୍ୱାଚାର୍ଯ୍ୟ ଓ ତତ୍‌ପନ୍ଥୀମାନେ କହନ୍ତି—ହଁ, ଆମେ ବ୍ରହ୍ମଠାରୁ ଆସିଛୁ ଏବଂ ବ୍ରହ୍ମରେ ଲୀନ ହେବୁ । ମାତ୍ର ଏମାନେ ପ୍ରକୃତିକୁ ବା ମାୟାକୁ ସ୍ୱତନ୍ତ୍ର ସତ୍ତା କହନ୍ତି, ତଥାପି କହନ୍ତି ଯେ ପ୍ରକୃତି ବ୍ରହ୍ମର ଅଧୀନ ।

ଏହି ମାଧ୍ୱ ମାନଙ୍କ ଭିତରେ ଭିନ୍ନ ଭିନ୍ନ ଦଳ ଅଛି, ଟିକିଏ ଟିକିଏ ଭିନ୍ନ ଧାରଣା ନେଇ । ସେସବୁ ଏତେ ଟିକିନିଖି ତମ ମୋ ବୁଦ୍ଧିରେ ଏତେ ଧରି ରଖି ହେବ ନାହିଁ—ଛାଡ ସେ କଥା । ମୋଟରେ ଏମାନେ ସମସ୍ତେ କହନ୍ତି—କୃଷ୍ଣ ବା ବାସୁଦେବ ସାହାଯ୍ୟରେ ସବୁ ମାୟାରୁ ମୁକ୍ତି ମିଳିବ ।

ଆଉ ଦ୍ୱୈତବାଦୀମାନେ କହନ୍ତି—ନା, ଆମେ ବ୍ରହ୍ମଠାରୁ ଭିନ୍ନ—ଆମେ ଭକ୍ତ, ସେ ଭଗବାନ୍, ସେ ତାଙ୍କୁ ଆଲିଙ୍ଗନ କରିବୁ,

Digitized by PPRACHIN, SOA

ତାଙ୍କ ଭିତରେ ମିଳିଯିବୁ, ତଥାପି ଅଟିମ ସ୍ୱତନ୍ତ୍ର ଆଉ ବ୍ରହ୍ମ ସ୍ୱତନ୍ତ୍ର ।

ଏସବୁ ଶନ୍ତ୍ରା ଭାବନା କଢ଼ ଭଟିନ—ମୁଁ ଠିକ୍ ଠିକ୍ କହି ପାରିବ ନାହିଁ—ମୋର ନିଜର ଧାରଣା ତ ଠିକ୍ ନାହିଁ—ତୁମକୁ କହିବି ଠିକ୍ ଭର କପର ? ସ୍ୱୟଂ ଅହିଭିଃ କଥଂ ଅପସିନ୍ ସାଧୟିଷ ?

କର୍ମଯୋଗ କହେ—ଅତଏବ ଏପରି କର୍ମ କର, ଯଦ୍ୱାରା ମୁକ୍ତି ହେବ ।

ସମଗ୍ର ଗୀତାରେ ଯାହା କୁହା ହୋଇଛି—ଉଭୟ ପୁରୁଷ ଓ ସ୍ତ୍ରୀଙ୍କୁ କୁହା ଯାଇଅଛି । ସ୍ତ୍ରୀ ଶବ୍ଦ ଅଲଗା ବ୍ୟବହୃତ କେବଳ ଦୁଇଟି ସ୍ଥାନରେ ବ୍ୟବହୃତ ହୋଇଛି ।

ଗୋଟିଏ ଜାଗାରେ (ନବମ ଅଧ୍ୟାୟ ୩୨ ଶ୍ଳୋକ) ସ୍ତ୍ରୀଲୋକ-ମାନେ delusive ବା ଛଳନାମୟୀ । ଏହି ଭାବରେ ଗୋଟିଏ ଜାଗାରେ ଉଲ୍ଲେଖ କରାଯାଇ ଅଛି ।

ଶ୍ଳୋକଟା ଏହି—

ମାଂ ହି ପାର୍ଥ ବ୍ୟପାଶ୍ରିତ୍ୟ ଯେ ପି ସ୍ୟୁଃ ପାପଯୋନୟଃ
ସ୍ତ୍ରିୟୋ ବୈଶ୍ୟା ସ୍ତଥା ଶୂଦ୍ରା ସ୍ତେ ପି ଯାନ୍ତି ପରାଂ ଗତି ।

ଆଉ ଗୋଟିଏ ଜାଗରେ (ଦଶମ ଅଧ୍ୟାୟ ୩୪ ଶ୍ଳୋକ)

ଶ୍ଳୋକଟି ଏହି—

ମୃତ୍ୟୁଃ ସର୍ବହରଶ୍ଚାହମୁଦ୍ଭବଶ୍ଚ ଭବିଷ୍ୟତାଂ
କୀର୍ତ୍ତିଃ ଶ୍ରୀର୍ବାକ୍ ଚ ନାରୀଣାଂ ସ୍ମୃତି ର୍ମେଧା ଧୃତିଃ କ୍ଷମା ।

Digitized by PPRACHIN, SOA

ଏଠାରେ କୁହା ଯାଇଅଛି ନାରୀ ମାନଙ୍କର ସମ୍ମାନ ମୂର୍ତ୍ତି, ଭାଗ୍ୟ ମୂର୍ତ୍ତି, ବାକ୍ ମୂର୍ତ୍ତି, ସ୍ମୃତି ମୂର୍ତ୍ତି, ବୁଦ୍ଧି ମୂର୍ତ୍ତି, ସ୍ଥିରତା ମୂର୍ତ୍ତି, କ୍ଷମା ମୂର୍ତ୍ତି ।

ବାଣୀ, ଏହିଠାରେ ଭଗବାନ୍ ତୁମମାନଙ୍କୁ ଦୟା କରିଛନ୍ତି ବିଶେଷ ଭାବରେ ।

ଆମକୁ ପୁରୁଷଙ୍କୁ ଯେପରି ପଛକୁ ପକାଇ ଦେଇଛନ୍ତି କାରଣ ହୋଇପାରେ ତୁମେ ସବୁ ହୁଏତ ଦୁର୍ବଳା—ସେଥିପାଇଁ ଭଗବାନ୍ ଏତେ ଭାବରେ ତୁମର ସହାୟ ହୋଇଛନ୍ତି ।

ଯାହାହେଉ ପଛେ ତୁମେମାନେ ଭାଗ୍ୟବତୀ । ଅତଏବ ସମଗ୍ର ନାରୀ ଜଗତ୍‌କୁ ମୋର ଏହିଠାରେ ଗୋଟିଏ ପ୍ରଣାମ ।



ମୁଦ୍ରାକର ଶ୍ରୀ ଚନ୍ଦ୍ରମଣି ଦାସ, ପ୍ରଗତି ପ୍ରେସ—କଟକ ୧୯୬୮

Digitized by PPRACHIN, SOA